BHI-1

Block-4

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University

Sambalpur

# ସ୍ନାତକ କଳା (ସମ୍ମାନ)

## ଇତିହାସ (BAHI)

ପ୍ରଧାନ ପାଠ୍ୟକ୍ରମ- ୧

## ଭାରତ ଇତିହାସ-୧

# ସଂସ୍କୃତିର ଘଟଣାନ୍ତର

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର, ଓଡ଼ିଶା

Odisha State Open University, Sambalpur, Odisha

Established by an Act of Government of Odisha.

# ସ୍ନାତକ କଳା (ସମ୍ମାନ)

## ପ୍ରଧାନ ପାଠ୍ୟକ୍ରମ- ୧

## ଇତିହାସ (BAHI)

**BAHI-01**

**ଭାରତ ଇତିହାସ-୧**

## ବ୍ଲକ୍- ୪

# ସଂସ୍କୃତିର ଘଟାନ୍ତର

ଏକାଦଶ ଏକକ- ଆଦି ବୈଦିକ ଯୁଗ:
ସମାଜ, ଶାସନତନ୍ତ୍ର, ଧର୍ମ ଓ ସାହିତ୍ୟ

ଦ୍ୱାଦଶ ଏକକ- ପରବର୍ତ୍ତୀ ବୈଦିକ ଯୁଗ:
ସାମାଜିକ ବିଭାଜନ (ବର୍ଣ୍ଣ ଓ ଲିଙ୍ଗ),
ଶାସନତନ୍ତ୍ର, ଧର୍ମ ଓ ସଂସ୍କୃତି

# ଏକାଦଶ ଏକକ: ଆଦି ବୈଦିକ ଯୁଗ: ସମାଜ, ଶାସନତନ୍ତ୍ର, ଧର୍ମ ଓ ସାହିତ୍ୟ

**ବିଷୟ ଗଠନ:**

୧୧.୧ ପଠନର ଉଦ୍ଦେଶ୍ୟ
୧୧.୨ ଉପକ୍ରମ
୧୧.୩ ଉତ୍ସ ସମୂହ
୧୧.୩.୧ ସାହିତ୍ୟିକ ଉତ୍ସ
୧୧.୩.୨ ପ୍ରତ୍ନତାତ୍ତ୍ୱିକ ଉତ୍ସ
୧୧.୪ ଆର୍ଯ୍ୟ ଆକ୍ରମଣ: କଳ୍ପନା ନା ବାସ୍ତବିକତା ?
୧୧.୫ ଅର୍ଥବ୍ୟବସ୍ଥା
୧୧.୬ ସମାଜ
୧୧.୭ ଶାସନତନ୍ତ୍ର
୧୧.୮ ଧର୍ମ
୧୧.୯ ସାରାଂଶ
୧୧.୧୦ ସୂଚକ ଶବ୍ଦାବଳୀ
୧୧.୧୧ ପ୍ରଗତି ପରିମାପକ ଉତ୍ତର

## ୧୧.୧ ପଠନର ଉଦ୍ଦେଶ୍ୟ

ଏହି ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ଆଦି ବୈଦିକ କାଳ ସମ୍ବନ୍ଧରେ ସୂଚନା ପ୍ରଦାନ କରୁଥିବା ଉତ୍ସ ସମୂହ
- ବହୁ ସଂଖ୍ୟାରେ ଭାରତୀୟ ଆର୍ଯ୍ୟଙ୍କ ସ୍ଥାନାନ୍ତରଣର ବାସ୍ତବିକତା
- ଆଦି ବୈଦିକ ଜନତାଙ୍କ ଅର୍ଥବ୍ୟବସ୍ଥା, ସମାଜ, ଶାସନତନ୍ତ୍ର, ଧର୍ମ

## ୧୧.୨ ଉପକ୍ରମ

ଖ୍ରୀ.ପୂ. ୨୦୦୦ରୁ ଖ୍ରୀ.ପୂ. ୧୦୦୦ ମଧ୍ୟରେ ଭାରତର ବିଭିନ୍ନ ଅଞ୍ଚଳ ସାଂସ୍କୃତିକ ବିକାଶର ଭିନ୍ନ ଭିନ୍ନ ପର୍ଯ୍ୟାୟରେ ରହିଥିବା ସମୁଦାୟମାନଙ୍କ ଦ୍ୱାରା ଅଧ୍ୟୁଷିତ ହୋଇଥିବା ଆପଣ ପୂର୍ବବର୍ତ୍ତୀ ଏକକଗୁଡ଼ିକରୁ ଅବଗତ ହେଲେ । ସେମାନଙ୍କ ସଂସ୍କୃତି ଥିଲା ଅପରିହାର୍ଯ୍ୟ ରୂପେ କୃଷି-ଚାରଣ । ଏଇ ସଂସ୍କୃତି ସମୂହ ସମ୍ବନ୍ଧରେ ଆମ ଅବବୋଧର ଭିତ୍ତି କେବଳ ପ୍ରତ୍ନତାତ୍ତ୍ୱିକ ଅବଶେଷ । କାରଣ ହରପ୍ପା ସଂସ୍କୃତିକୁ ବାଦ୍ ଦେଲେ ଆଉ କୌଣସି ସଂସ୍କୃତିର ଲିଖିତ ଦଲିଲ ମିଳେ ନାହିଁ । ତେବେ ଏଇ ଏକକ ଓ ପରବର୍ତ୍ତୀ ଏକକରେ ଭାରତର ପ୍ରାଚୀନତମ ସାହିତ୍ୟ ବିବେଚିତ ହେଉଥିବା ଏକ ବିପୁଳ ଧର୍ମ ସାହିତ୍ୟ ଦ୍ୱାରା ପ୍ରଦତ୍ତ ସାକ୍ଷ୍ୟ ଉପରେ ଆମେ ଧ୍ୟାନ କେନ୍ଦ୍ରୀଭୂତ କରିବା । ଯଥା ସ୍ଥଳରେ ପ୍ରାସଙ୍ଗିକ ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ଦ୍ୱାରା ଏହାର ପରିପୁଷ୍ଟି ପାଇଁ ମଧ୍ୟ ଆମେ ପ୍ରୟାସ କରିବା । ଋକ୍‌ବେଦ ଉପଲବ୍ଧ ପ୍ରାଚୀନତମ ସୂକ୍ତ ସଂଗ୍ରହ ବିବେଚିତ ହୁଏ । ଆଦି ବୈଦିକ ଯୁଗର ଅବବୋଧ ଆମେ ତେଣୁ ଋକ୍‌ବେଦର ପରୀକ୍ଷା ନିରୀକ୍ଷାରୁ ଆରମ୍ଭ କରିବା । ଏହା ପରେ ଅପର ବେଦ ଏବଂ ପରବର୍ତ୍ତୀ କାଳରେ ଅବସ୍ଥାପିତ କୃତି ସମୂହ ଆଲୋଚନା ପରିସରକୁ ଆସିବ । ଦୁଇଟି କାରଣରୁ ଏ କସରତ ଆବଶ୍ୟକ । ପ୍ରଥମତଃ ବେଦ ଭାରତୀୟ ଉପମହାଦେଶକୁ ସଭ୍ୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବୋଲି ବିଶ୍ୱାସ କରାଯାଉ ଥିବା ଆର୍ଯ୍ୟମାନଙ୍କ ଦ୍ୱାରା ରଚିତ ଗ୍ରନ୍ଥ ହିସାବରେ ବିବେଚିତ ହୋଇଆସୁଛି । କିନ୍ତୁ ସଯତ୍ନ ବିଶ୍ଳେଷଣ କଲେ ଋକ୍‌ବେଦର ଆଶୟ କୌଣସି ଅତ୍ୟନ୍ତ ଅଗ୍ରଗାମୀ ଭୌତିକ ସଂସ୍କୃତିର ଧାରଣା ଜନ୍ମାଏ ନାହିଁ । ଅପର ପକ୍ଷରେ ଭାରତୀୟ ସଭ୍ୟତାର ଚରିତ୍ର ରୂପେ ବିବେଚିତ ଅନେକ ଭୌତିକ ଲକ୍ଷଣ ଭାରତର ବିଭିନ୍ନ ଅଂଶର ଅବୈଦିକ ପ୍ରତ୍ନତାତ୍ତ୍ୱିକ ସଂସ୍କୃତି ସମୂହରେ ଉପଲବ୍ଧ ଥିଲା । ଦ୍ୱିତୀୟତଃ ଋକ୍‌ବେଦ ସହ ପରବର୍ତ୍ତୀ ବେଦ ଓ ସଂଶ୍ରିତ ଗ୍ରନ୍ଥମାନଙ୍କ ବିଷୟବସ୍ତୁ ତୁଳନା କଲେ ସ୍ୱୟଂ ବୈଦିକ ସମାଜ ମହତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଇ ଗତି କରୁଥିବା ସ୍ପଷ୍ଟ ହୁଏ । ଏହାର ଅର୍ଥ ବୈଦିକ ସଂସ୍କୃତି ବା ଆର୍ଯ୍ୟ ସଂସ୍କୃତି କହିବାକୁ କୌଣସି ସ୍ଥିର ଢାଞ୍ଚା ନ ଥିଲା ।

ଋକ୍‌ବେଦ ସାକ୍ଷ୍ୟ ପ୍ରଦାନ କରୁଥିବା ପ୍ରଧାନ ଭୌଗୋଳିକ ଅଞ୍ଚଳ ଥିଲା ସପ୍ତସିନ୍ଧବ ବା ସାତୋଟି ନଦୀର ଭୂମି । ଏହା ସମଗ୍ର ପଞ୍ଜାବ ଓ ଏହାର ପଡ଼ୋଶୀ ହରିୟାଣା ଅଞ୍ଚଳର ଅନୁରୂପ । କିନ୍ତୁ

ଗୋମଲ ସମତଳ, ଦକ୍ଷିଣ ଆଫଗାନିସ୍ତାନ ଏବଂ ଦକ୍ଷିଣ ଜମ୍ମୁ ଓ କାଶ୍ମୀର ମଧ୍ୟ ଋକ୍‌ବେଦୀୟ ଭୂଗୋଳର ଅନ୍ତର୍ଭୁକ୍ତ ।

ଭାରତୀୟ ଆର୍ଯ୍ୟମାନେ ପଶ୍ଚିମ ଏସିଆରୁ ଭାରତୀୟ ଉପମହାଦେଶକୁ ଆସିଥିବା କୁହାଯାଏ । ବେଦର ରଚୟିତା ରୂପେ ବିବେଚିତ ଏଇ ଦେଶାନ୍ତରୀମାନେ ବୈଦିକ ଜନତା ରୂପେ ନାମିତ । ଏଇ ଐତିହାସିକ ବ୍ୟାଖ୍ୟା ଅନୁସାରେ ଆର୍ଯ୍ୟମାନେ ଅନେକ ପର୍ଯ୍ୟାୟ ବା ତରଙ୍ଗରେ ଭାରତ ଆସିଥିଲେ ।

ଆର୍ଯ୍ୟମାନଙ୍କୁ ଭାରୋପୀୟ ଭାଷାଭାଷୀ ଏକ ଭାଷାତାତ୍ତ୍ୱିକ ଗୋଷ୍ଠୀ ବିବେଚନା କରାଯାଏ । ପାରମ୍ପରିକ ଐତିହାସିକ ଓ ପ୍ରତ୍ନତତ୍ତ୍ୱବିଦମାନେ ସେମାନଙ୍କୁ ପୂର୍ବବର୍ତ୍ତୀ କାଳର ହରପ୍ପାବାସୀ ଅଣଆର୍ଯ୍ୟମାନଙ୍କ ଠାରୁ ପୃଥକ୍ ରୂପେ ଦର୍ଶାଇଥାନ୍ତି ।

ତେବେ ଆଦି ବୈଦିକ ସମାଜ ଉପରେ ନିର୍ଦ୍ଦିଷ୍ଟ ରାୟ ଦେବା ପୂର୍ବରୁ ସାହିତ୍ୟ କୃତି ଓ ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ପରସ୍ପରକୁ ପରିପୁଷ୍ଟ କରୁଛନ୍ତି କି ନାହିଁ ତାହା ପରୀକ୍ଷା କରିବା ଫଳଦାୟକ ହୋଇପାରେ । ଉଭୟ ପ୍ରକାର ଉତ୍ସ ସମାନ ଅଞ୍ଚଳର ଓ ସମକାଳର ହୋଇଥିଲେ ସେମାନେ ଆମକୁ ଆର୍ଥନୀତିକ, ସାମାଜିକ, ରାଜନୀତିକ ଓ ଧାର୍ମିକ ଜୀବନ ସମ୍ବନ୍ଧରେ ଅଧିକ ପୁଙ୍ଖାନୁପୁଙ୍ଖ ଧାରଣା ପ୍ରଦାନ କରି ପାରନ୍ତି । ଆସନ୍ତୁ ଏଇ ଉତ୍ସଗୁଡ଼ିକର ଉଲ୍ଲେଖରୁ ଆରମ୍ଭ କରିବା ।

## ୧୧.୩ ଉତ୍ସ ସମୂହ

ଆଦି ବୈଦିକ ସମାଜର ଅଧ୍ୟୟନ ପାଇଁ ଆମ ପାଖରେ ଦୁଇ ପ୍ରକାର ଉତ୍ସ ରହିଛି- ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ ଉତ୍ସ ସମୂହ ।

ଆସନ୍ତୁ ଆମେ ପ୍ରଥମେ ଏ ସମୟର ସାହିତ୍ୟିକ ଉତ୍ସଗୁଡ଼ିକୁ ପରୀକ୍ଷା କରିବା ।

### ୧୧.୩.୧ ସାହିତ୍ୟିକ ଉତ୍ସ

ସାହିତ୍ୟିକ ଉତ୍ସ ମଧ୍ୟରୁ ଆମେ ପ୍ରଥମେ ଚାରି ବେଦର ଉଲ୍ଲେଖ କରିପାରିବା:

୧. ଋକ୍‌ବେଦ

୨. ସାମବେଦ

୩. ଯଜୁର୍ବେଦ ଏବଂ

୪. ଅଥର୍ବବେଦ

ଏ ମଧ୍ୟରୁ ଋକ୍‌ବେଦ ପ୍ରାଚୀନତମ କୃତି ।

'ବେଦ'ଶବ୍ଦଟି ସଂସ୍କୃତ 'ବିଦ୍' ଧାତୁରୁ ବ୍ୟୁତ୍ପନ୍ନ । ଏହାର ଅର୍ଥ 'ଜାଣିବା' ବା ଜ୍ଞାନ ।

'ବେଦ'ଗୁଡ଼ିକ ସାରତଃ ବିଭିନ୍ନ ଋଷିକୁଳ ଦ୍ୱାରା ପ୍ରଦତ୍ତ ଭିନ୍ନ ଭିନ୍ନ ଦେବତାଙ୍କ ଇତିବୃତ୍ତ ସମ୍ବଳିତ ପ୍ରାର୍ଥନା ଓ ସୂକ୍ତମାନଙ୍କ ସଙ୍କଳନ । ତତ୍କାଳୀନ ମୌଖିକ ପରମ୍ପରାର ପ୍ରତିନିଧିତ୍ୱ ଯୋଗୁଁ ଚତୁର୍ବେଦକୁ 'ସଂହିତା' ମଧ୍ୟ କୁହାଯାଏ । ଆବୃତ୍ତି, ଶିକ୍ଷା ଓ ମୌଖିକ ସଞ୍ଚରଣ ଲାଗି ଉଦ୍ଦିଷ୍ଟ ହୋଇଥିବାରୁ ରଚନା କାଳରେ ସୂକ୍ତଗୁଡ଼ିକର ଲିଖିତ ରୂପ ନ ଥିଲା । ଏଇ କାରଣରୁ କୌଣସି ସଂହିତାର ନିରଙ୍କୁଶ ରଚନାକାଳ ନିର୍ଣ୍ଣୟ କରିହେବ ନାହିଁ । ବସ୍ତୁତଃ ପ୍ରତ୍ୟେକ ସଂହିତା ବହୁ ଶତାବ୍ଦୀ ବ୍ୟାପୀ ସଂଗ୍ରହର ପ୍ରତିନିଧି । ଚାରି ସଂହିତାର ଆପେକ୍ଷିକ କାଳ ନିରୂପଣ ପରିପ୍ରେକ୍ଷୀରେ ଋକ୍‌ବେଦ ଖ୍ରୀ.ପୂ. ୧୫୦୦ରୁ ଖ୍ରୀ.ପୂ. ୧୦୦୦ ସମୟର ପ୍ରତିନିଧିତ୍ୱ କରୁଥିବା ବିଦ୍ୱାନମାନେ ବିଶ୍ୱାସ କରନ୍ତି ।

ଋକ୍‌ବେଦ ସଂହିତାର ଦଶଟି 'ମଣ୍ଡଳ' ମଧ୍ୟରୁ ୨ୟ ଓ ୭ମ ମଣ୍ଡଳକୁ ପ୍ରାଚୀନତମ ଏବଂ ବିଶେଷ ଭାବେ ଆଦି ବୈଦିକ ପର୍ଯ୍ୟାୟର ବୋଲି ବିବେଚନା କରାଯାଏ । ବିଦ୍ୱାନମାନଙ୍କ ବିଚାରରେ ୧ମ, ୮ମ, ୯ମ ଓ ୧୦ମ ମଣ୍ଡଳ ଅପେକ୍ଷାକୃତ ପରବର୍ତ୍ତୀ କାଳରେ ସଂହିତାରେ ସଂଯୁକ୍ତ ହୋଇଛି ।

ଭାଷା ଦୃଷ୍ଟିରୁ ବିଦ୍ୱାନମାନେ ଋକ୍‌ବେଦ ସହ ଏହାଠାରୁ ପ୍ରାଚୀନତର ଏବଂ ସର୍ବପ୍ରାଚୀନ ଇରାନୀ କୃତି ଅବେସ୍ତାର ସାଦୃଶ୍ୟ ଲକ୍ଷ୍ୟ କରିଛନ୍ତି । ଏଇ ଭାଷାତାତ୍ତ୍ୱିକ ସାଦୃଶ୍ୟ ଏବଂ ଋକ୍‌ବେଦ ଠାରୁ ଅବେସ୍ତାର କାଳାନୁକ୍ରମିକ ଅଗ୍ରଗାମିତ୍ୱ ଭିତ୍ତିରେ ସେମାନେ ନିମ୍ନ ଲିଖିତ ନିଷ୍କର୍ଷରେ ଉପନୀତ ହୋଇଛନ୍ତି:

୧. ଉଭୟ ଗ୍ରନ୍ଥ ପ୍ରତିନିଧିତ୍ୱ କରୁଥିବା ଜନତା ଏକ ସାଧାରଣ ଭାଷାତାତ୍ତ୍ୱିକ ଗୋଷ୍ଠୀର ଅନ୍ତର୍ଭୁକ୍ତ ଏବଂ ସେମାନେ ପଶ୍ଚିମ ଏସିଆ ଓ ଇରାନରୁ ଭାରତୀୟ ଉପମହାଦେଶକୁ ଆସିଥିଲେ । ଏଇ ଜନତାଙ୍କୁ 'ଆର୍ଯ୍ୟ' କୁହାଯାଏ ।

୨. ଆର୍ଯ୍ୟମାନଙ୍କର ଏକ ମୂଳ ସାଧାରଣ ବାସସ୍ଥଳ ରହିଥିଲା । ସେଠାରୁ ବିଭିନ୍ନ ଗୋଷ୍ଠୀ ଇଉରୋପ ଓ ପୂର୍ବକୁ ଦେଶାନ୍ତରରେ ଯାଇଥିଲେ ।

ତେବେ ଆର୍ଯ୍ୟମାନଙ୍କ ମୂଳ ବାସସ୍ଥଳ ସମ୍ବନ୍ଧିତ ବିତର୍କ ଆଉ ପ୍ରାସଙ୍ଗିକ ହୋଇ ରହି ନାହିଁ । କାରଣ ଆର୍ଯ୍ୟମାନଙ୍କ ସାଧାରଣ ପ୍ରଜାତୀୟ ପରିଚିତି ଅସାର ପ୍ରମାଣିତ ହୋଇସାରିଛି । ତେବେ ଐତିହାସିକମାନେ ଏବେ ମଧ୍ୟ ଏକ ସାଧାରଣ ଭାଷାତାତ୍ତ୍ୱିକ ପରିଚିତିରେ ବିଶ୍ୱାସ ପୋଷଣ କରନ୍ତି ଏବଂ ଏଇ ଭିତ୍ତିରେ ସେମାନଙ୍କ ମଧ୍ୟରୁ କେତେକ ତଥାପି ଆର୍ଯ୍ୟମାନଙ୍କ ଦେଶାନ୍ତର ସିଦ୍ଧାନ୍ତ ଉପରେ ଜୋର ଦିଅନ୍ତି ।

### ୧୧.୩.୨ ପ୍ରତ୍ନତାତ୍ତ୍ୱିକ ଉତ୍ସ

ଅତୀତରେ ୪୦ବର୍ଷ ଧରି ପଞ୍ଜାବ, ଉତ୍ତରପ୍ରଦେଶ, ଉତ୍ତର ରାଜସ୍ଥାନରେ ସିନ୍ଧୁ ଓ ଘଗ୍‌ଗର ନଦୀ କୂଳେ କୂଳେ କରାଯାଇ ଥିବା ଉତ୍‌ଖନନରୁ ଅନେକ ହରପ୍ପା ପରବର୍ତ୍ତୀ ତାମ୍ରପ୍ରସ୍ତର ବସତି ଆବିଷ୍କୃତ ହୋଇଛି । ଏଗୁଡ଼ିକର ସମୟ ଖ୍ରୀ.ପୂ. ୧୭୦୦ରୁ ଖ୍ରୀ.ପୂ. ୬୦୦ ମଧ୍ୟରେ ନିର୍ଣ୍ଣିତ ହୋଇଛି । ଏ ସମ୍ବନ୍ଧରେ ପୂର୍ବବର୍ତ୍ତୀ ବ୍ଲକ୍‌ରେ ଆଲୋଚନା ହୋଇସାରିଛି । ଏଇ ତାମ୍ରପ୍ରସ୍ତର ସଂସ୍କୃତି ସମୂହକୁ ପରବର୍ତ୍ତୀ ହରପ୍ପା, ଗୈରିକ ମୃତ୍‌ପାତ୍ର*(OCR)*, କୃଷ୍ଣ ଓ ରକ୍ତ ମୃତ୍‌ପାତ୍ର*(BRW)* ଏବଂ ଚିତ୍ରିତ ଧୂସର ମୃତ୍‌ପାତ୍ର*(PGW)* ସଂସ୍କୃତି କୁହାଯାଉ ଥିବା ନେଇ ମଧ୍ୟ ଆପଣ ଅବଗତ ଅଛନ୍ତି ।

ତେବେ ଆମେ ସ୍ମରଣ ରଖିବା ଉଚିତ ଯେ ମୃତ୍‌ପାତ୍ରର ପ୍ରକାର ଭେଦରେ ଜନତାଙ୍କ ସମଗ୍ର ସଂସ୍କୃତି ପ୍ରତିଫଳିତ ହୁଏ ନାହିଁ । ବିଭିନ୍ନ ମୃତ୍‌ପାତ୍ରର ଅର୍ଥ ନୁହେ ଏସବୁ ପାତ୍ର ବ୍ୟବହାର କରୁଥିବା ଜନତା ଭିନ୍ନ ଭିନ୍ନ ଥିଲେ । ମୃତ୍‌ପାତ୍ର ବିଶ୍ଳେଷଣ ସାଂସ୍କୃତିକ ସମାଗମର ଏକ ବିଶିଷ୍ଟ ଲକ୍ଷଣକୁ ସଂଜ୍ଞାୟିତ କରିବାରେ ସହାୟକ ହୁଏ; ତାହା ଠାରୁ ଅଧିକ ନୁହେ । ଉତ୍ତରପଶ୍ଚିମ ଓ ଉତ୍ତର ଭାରତର ଏଇ

ସଂସ୍କୃତି ମଧ୍ୟରୁ କେତୋଟିରୁ ପ୍ରାପ୍ତ ସାକ୍ଷ୍ୟକୁ ବୈଦିକ ଗ୍ରନ୍ଥମାନଙ୍କ ଅଧ୍ୟୟନରୁ ମିଳିଥିବା ଜ୍ଞାନ ସହ ତୁଳନା କରାଯାଇ ପାରିବ କି ନାହିଁ ପରୀକ୍ଷା କରିବାକୁ କେତେକ ବିଦ୍ୱାନ ପ୍ରୟାସ କରିଛନ୍ତି ।

## ୧୧.୪ ଆର୍ଯ୍ୟ ଆକ୍ରମଣ: କଳ୍ପନା ନା ବାସ୍ତବିକତା

ଆର୍ଯ୍ୟ ଆକ୍ରମଣ ଏକ କଳ୍ପନା ନା ବାସ୍ତବିକତା ? ଆସନ୍ତୁ ଦେଖିବା ପ୍ରତ୍ନତାତ୍ତ୍ୱିକ ଖନନ ଏଇ ପ୍ରଶ୍ନର ଉତ୍ତର ପାଇବାରେ ଆମକୁ କେତେ ଦୂର ସହାୟକ ହେଉଛି ।

ପ୍ରତ୍ନତତ୍ତ୍ୱବିଦମାନେ ବିଭିନ୍ନ ହରପ୍ପା ପରବର୍ତ୍ତୀ ସଂସ୍କୃତିକୁ ଆର୍ଯ୍ୟମାନଙ୍କ ସହ ସମ୍ବନ୍ଧ କରିବାକୁ ଉଦ୍ୟମ କରିଛନ୍ତି । କାଳ ନିରୂପଣରେ ପ୍ରାୟ ଖ୍ରୀ.ପୂ. ୯୦୦ରୁ ଖ୍ରୀ.ପୂ. ୫୦୦ର ବୋଲି ସ୍ଥିରୀକୃତ ହୋଇଥିବା ଚିତ୍ରିତ ଧୂସର ମୃତ୍‌ପାତ୍ରକୁ ବାରଂବାର ଆର୍ଯ୍ୟ କାରିଗରି ସହ ସଂଯୁକ୍ତ କରାଯାଇଛି । ସାହିତ୍ୟ କୃତିର ବିଶ୍ଳେଷଣରୁ ଐତିହାସିକମାନେ ଯେଉଁ ଉପସଂହାରରେ ଉପନୀତ ହୋଇଛନ୍ତି ତାହା ହେଉଛି ସେମାନଙ୍କ ଯୁକ୍ତିର ଭିତ୍ତି । ଅତଏବ ପ୍ରତ୍ନତତ୍ତ୍ୱବିଦମାନେ ଋକ୍‌ବେଦ ଓ ଅବେସ୍ତା ମଧ୍ୟରେ ରହିଥିବା ଭାଷାତାତ୍ତ୍ୱିକ ସାଦୃଶ୍ୟକୁ ଅନୁସରଣ କରି ହରପ୍ପା ପରବର୍ତ୍ତୀ ଏବଂ ପଶ୍ଚିମ ଏସୀୟ/ଇରାନୀୟ ସାଂସ୍କୃତିକ ସମାଗମମାନଙ୍କର ମୃତ୍‌ପାତ୍ରର ସ୍ୱରୂପ, ମୃତ୍‌କୃତି ଉପରିସ୍ଥ ଚିତ୍ର ଏବଂ ବିଭିନ୍ନ ତାମ୍ର ଦ୍ରବ୍ୟ ପ୍ରଭୃତିରେ ସାଦୃଶ୍ୟ ଅନ୍ୱେଷଣ ପାଇଁ ପ୍ରୟାସ କରୁଛନ୍ତି । ଆର୍ଯ୍ୟ ଜନଗୋଷ୍ଠୀ ପଶ୍ଚିମ ଏସିଆରୁ ଭାରତୀୟ ଉପମହାଦେଶକୁ ଆସିଥିବା ଦୃଷ୍ଟିଭଙ୍ଗୀର ସମର୍ଥନରେ ଏଭଳି ସାଦୃଶ୍ୟକୁ ବଢ଼େଇ ଚଢ଼େଇ ବ୍ୟବହାର କରାଯାଉଛି । ଏହିପରି ଦେଶାନ୍ତର ବିଚାରକୁ ପ୍ରାମାଣିକ କରିବା ପାଇଁ ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ ଉତ୍ସକୁ ପରସ୍ପର ସମର୍ଥନରେ ଉପଯୋଗ କରାଯାଉଛି ।

ଋକ୍‌ବେଦ ଓ ଅବେସ୍ତାର ଭାଷାତାତ୍ତ୍ୱିକ ସାଦୃଶ୍ୟ ନେଇ କୌଣସି ବିବାଦ ନାହିଁ । କିନ୍ତୁ ଏଇ ସାଦୃଶ୍ୟରୁ ଭାରତୀୟ ଉପମହାଦେଶକୁ ଜନତାଙ୍କ ବିଶାଳ ଦେଶାନ୍ତର ସୂଚିତ ହୁଏ ନାହିଁ । ଦ୍ୱିତୀୟରେ ଭାରତ ଓ ପଶ୍ଚିମ ଏସିଆର ତାମ୍ରପ୍ରସ୍ତର ଉପକରଣ ମଧ୍ୟରେ ମିଳିଥିବା ସାଦୃଶ୍ୟ ଆକସ୍ମିକ । ସେଥିରୁ ମଧ୍ୟ ବିପୁଳ ସଂଖ୍ୟକ ଦେଶାନ୍ତରର ସୂଚନା ମିଳେ ନାହିଁ । ପୂର୍ବ କଥିତ ମତେ 'ଆର୍ଯ୍ୟ' ଅବଧାରଣାକୁ କୌଣସି

ନିର୍ଦ୍ଦିଷ୍ଟ ପ୍ରକାର ମୃତ୍‌ପାତ୍ର ସହ ସମାନ କରି ଦେଖାଯାଇ ପାରିବ ନାହିଁ । ଏହାର ମଧ୍ୟ କୌଣସି ସଜାତୀୟ କି ପ୍ରଜାତୀୟ ମହତ୍ୱ ନାହିଁ । ଅତଏବ 'ଆର୍ଯ୍ୟ' ଅଧିକରୁ ଅଧିକ ଜନତାଙ୍କ ମଧ୍ୟରେ ଭାଷାତାତ୍ତ୍ୱିକ ସାଦୃଶ୍ୟ ସହ ସମ୍ବନ୍ଧ ଏକ ଅନିଶ୍ଚିତ ବିଚାର ।

ଏଇ ପରିପ୍ରେକ୍ଷୀରେ ବିଭିନ୍ନ ସ୍ଥଳର ପ୍ରତ୍ନତାତ୍ତ୍ୱିକ ଖନନରୁ ପ୍ରାପ୍ତ ନିମ୍ନ ସୂଚନାଗୁଡ଼ିକୁ ଆପଣ ବିଚାରକୁ ନେବା ଉଚିତ:

୧. ପୂର୍ବେ ବିଦ୍ୱାନମାନେ ବିଶ୍ୱାସ କରୁଥିଲେ ଯେ ଭାରତୀୟ ଆର୍ଯ୍ୟମାନେ ହରପ୍ପା ସହର ଓ ନଗର ସବୁକୁ ଧ୍ୱଂସ କରି ଏ ସଭ୍ୟତାର ପତନ ଘଟାଇ ଥିଲେ । ସେମାନେ ଦୁର୍ଗନିବାସୀଙ୍କ ବିଧ୍ୱଂସ ପାଇଁ ଇନ୍ଦ୍ରଙ୍କ ଆବାହନ ସମ୍ପର୍କିତ ଋକ୍‌ବେଦୀୟ ସୂକ୍ତଗୁଡ଼ିକୁ ଉଦ୍ଧାର କରୁଥିଲେ । କିନ୍ତୁ ପ୍ରତ୍ନତାତ୍ତ୍ୱିକ ଅବଶେଷରୁ କୌଣସି ବୈଦେଶିକ ଆକ୍ରମଣକାରୀ ଗୋଷ୍ଠୀର ବିଶାଳ ଧ୍ୱଂସ ଲୀଳା ଯୋଗୁଁ ହରପ୍ପା ସଭ୍ୟତାର ପତନ ଘଟି ନଥିବା ପ୍ରଦର୍ଶିତ ହୋଇଛି । ଏହା ପୂର୍ବ ବ୍ଲକ୍‌ରେ ଆଲୋଚିତ ହୋଇଛି ।

୨. ଚିତ୍ରିତ ଧୂସର ମୃତ୍‌ପାତ୍ରର ନିର୍ମାତା ରୂପେ ଆର୍ଯ୍ୟମାନଙ୍କୁ ଚିହ୍ନିତ କରିବା ପ୍ରୟାସର ସମର୍ଥନରେ କୌଣସି ଦୃଢ଼ ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ମଧ୍ୟ ମିଳି ନାହିଁ । ଚିତ୍ରିତ ଧୂସର ମୃତ୍‌ପାତ୍ର ସଂସ୍କୃତି ସମୂହ ଯଦି ଆର୍ଯ୍ୟମାନଙ୍କ ସହ ସମ୍ବନ୍ଧ ହୋଇଥାନ୍ତା ତେବେ ଆକ୍ରମଣ ସିଦ୍ଧାନ୍ତ ଦୃଷ୍ଟିରୁ ତଥାକଥିତ ଦେଶାନ୍ତରୀ ଆର୍ଯ୍ୟଙ୍କ ଆଗମନ ମାର୍ଗରେ ଅବସ୍ଥିତ ବହାୱଲପୁର ଓ ପଞ୍ଜାବ ଅଞ୍ଚଳରୁ ଏ ଧରଣର ମୃତ୍‌ପାତ୍ର ଆମକୁ ଅବଶ୍ୟ ମିଳିଥାନ୍ତା । କିନ୍ତୁ ଏ ଧରଣର ମୃତ୍‌ପାତ୍ର ହରିୟାଣା, ପୂର୍ବ ରାଜସ୍ଥାନ ଓ ଉପର ଗଙ୍ଗା ଅବବାହିକାକୁ ନେଇ ଗଠିତ ନିର୍ଦ୍ଦିଷ୍ଟ ଭୌଗୋଳିକ କ୍ଷେତ୍ରରେ ହିଁ ସୀମାବଦ୍ଧ ।

୩. ପୂର୍ବେ ଚିନ୍ତା କରାଯାଉ ଥିଲା ଯେ ପରବର୍ତ୍ତୀ ହରପ୍ପା ଓ ହରପ୍ପା ପରବର୍ତ୍ତୀ କାଳ ମଧ୍ୟରେ ଏକ ସମୟଗତ ବ୍ୟବଧାନ ଏବଂ ଏ ଦୃଷ୍ଟିରୁ ସାଂସ୍କୃତିକ ବିଚ୍ଛିନ୍ନତା ରହିଛି । ତେବେ ଭଗବାନପୁରା, ଦଧେରି(ହରିୟାଣା) ଓ ମାଣ୍ଡା(ଜମ୍ମୁ)ର ଅଦ୍ୟତନ ଉତ୍‌ଖନନରୁ ପରବର୍ତ୍ତୀ ହରପ୍ପା ଓ ଚିତ୍ରିତ ଧୂସର ମୃତ୍‌ପାତ୍ର କୌଣସି ବ୍ୟବଧାନ ନ ଥାଇ ଏକାଠି ମିଳିଥିବା ପ୍ରଦର୍ଶିତ ହୋଇଛି । ଅତଏବ ଉତ୍‌ଖନିତ ସ୍ଥଳ ଭିତ୍ତିରେ 'ଆକ୍ରମଣ' ପ୍ରମାଣିତ ହୋଇପାରୁ ନାହିଁ ।

ଖ୍ରୀ.ପୂ. ୧୭୫୦ ପରେ ଯାହା ଅଦୃଶ୍ୟ ହୋଇଗଲା ତାହା ଥିଲା ହରପ୍ପା ସଭ୍ୟତାର ସହର ଓ ନଗର ଏବଂ ବାଣିଜ୍ୟ ଓ ସହରୀବାଦ ସହ ସଂଯୁକ୍ତ ମୁଦ୍ରା, ମାପ ଓ ଓଜନ ଆଦି ଉପକରଣ । ପୂର୍ବ କାଳର ଗ୍ରାମୀଣ ସଂରଚନା ଖ୍ରୀ.ପୂ. ଦ୍ୱିତୀୟ ଓ ପ୍ରଥମ ସହସ୍ରାବ୍ଦୀରେ ମଧ୍ୟ ଅବ୍ୟାହତ ରହିଥିଲା । ହରପ୍ପା ପରବର୍ତ୍ତୀ କାଳର ପ୍ରତ୍ନତାତ୍ତ୍ୱିକ ଅବଶେଷରୁ ପ୍ରାପ୍ତ ମୃତ୍‌ପାତ୍ର, ଧାତବ ସରଞ୍ଜାମ ଏବଂ ଅପର ଦ୍ରବ୍ୟର ବିବିଧତା ଭାରତୀୟ ତାମ୍ରପ୍ରସ୍ତର ସଂସ୍କୃତିମାନଙ୍କ ଆଞ୍ଚଳିକ ବୈବିଧ୍ୟର ପ୍ରତିନିଧିତ୍ୱ ମଧ୍ୟ କରିପାରେ ।

ଖ୍ରୀ.ପୂ. ଦ୍ୱିତୀୟ ସହସ୍ରାବ୍ଦୀ ଓ ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦୀ ମଧ୍ୟବର୍ତ୍ତୀ କାଳ ସହ ସମ୍ବନ୍ଧ ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ଏହିପରି ବୈଦିକ 'ଆର୍ଯ୍ୟ'ମାନଙ୍କ ସମ୍ବନ୍ଧରେ ଆମ ପ୍ରଚଳିତ ଦୃଷ୍ଟିଭଙ୍ଗୀକୁ ସଂଶୋଧନ କରିବାରେ ବହୁ ପ୍ରକାରେ ସହାୟକ ହୋଇଛି । ପ୍ରଥମତଃ ଖ୍ରୀ.ପୂ. ୧୫୦୦ ପାଖାପାଖି ବେଳକୁ କେନ୍ଦ୍ର ଅଥବା ପଶ୍ଚିମ ଏସିଆରୁ ଭାରତୀୟ ଉପମହାଦେଶକୁ ବିଶାଳ ଜନତାଙ୍କ ଦେଶାନ୍ତର ନେଇ ସନ୍ତୋଷଜନକ ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ନାହିଁ । ଦ୍ୱିତୀୟତଃ ଆର୍ଯ୍ୟମାନେ ହରପ୍ପା ସଭ୍ୟତାର ପତନ ଘଟାଇ ଏକ ନୂତନ ଭାରତୀୟ ସଭ୍ୟତାର ଭିତ୍ତି ସ୍ଥାପନ କରିଥିବାର କୌଣସି ପ୍ରତ୍ନତାତ୍ତ୍ୱିକ ପ୍ରମାଣ ମିଳେ ନାହିଁ । ବସ୍ତୁତଃ ଋକ୍‌ବେଦରେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ଓ ଯୁଦ୍ଧର ବାରଂବାର ଉଲ୍ଲେଖ ରହିଥିଲେ ମଧ୍ୟ ତଥା କଥିତ ଆର୍ଯ୍ୟ ଓ ଅଣଆର୍ଯ୍ୟ ସମୁଦାୟ ଓ ସଂସ୍କୃତିମାନଙ୍କ ମଧ୍ୟରେ ସଂଘର୍ଷର କୌଣସି ପ୍ରତ୍ନତାତ୍ତ୍ୱିକ ପ୍ରମାଣ ନାହିଁ । ତେବେ ଋକ୍‌ବେଦ ଯେହେତୁ ଉପଲବ୍ଧ ଧାର୍ମିକ ସୂକ୍ତମାନଙ୍କ ପ୍ରାଚୀନତମ ସଙ୍କଳନ ଏକ ଐତିହାସିକ ଦଲିଲ ଭାବେ ଆମ ପାଇଁ ଏହାର ମହତ୍ୱ ପ୍ରତୁଳ । ସୂକ୍ତଗୁଡ଼ିକ ଏକ ପ୍ରାଚୀନ ସମାଜର ବିଭିନ୍ନ ଦିଗ ସମ୍ବନ୍ଧରେ ଏଭଳି ଅନ୍ତର୍ଦୃଷ୍ଟି ପ୍ରଦାନ କରନ୍ତି ଯାହା ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟରୁ କଦାପି ଉପଲବ୍ଧ ହୋଇ ନ ଥାନ୍ତା । ସେଗୁଡ଼ିକରୁ ଆମକୁ ଅର୍ଥବ୍ୟବସ୍ଥାର ପ୍ରକୃତି, ସାମାଜିକ ସଂଗଠନ, ରାଜତନ୍ତ୍ର ଓ ରାଜନୀତିକ ସଂଗଠନ, ଧର୍ମ ଓ ସୃଷ୍ଟି ତତ୍ତ୍ୱ ଆଦି ସମ୍ବନ୍ଧରେ ଯଥେଷ୍ଟ ଅନ୍ତର୍ଦୃଷ୍ଟି ପ୍ରାପ୍ତ ହୁଏ । ପରବର୍ତ୍ତୀ ପର୍ଯ୍ୟାୟର ଭାରତୀୟ ସମାଜର ସ୍ୱଭାବକୁ ବୁଝିବା ପାଇଁ ଏ ମଧ୍ୟରୁ ଅନେକ ସୂଚନାର ପ୍ରାସଙ୍ଗିକତା ରହିଛି । ସେଇଥି ପାଇଁ ଆମେ ଏବେ ପ୍ରାଚୀନ ବୈଦିକ ସମାଜ ସମ୍ବନ୍ଧରେ ଋକ୍‌ବେଦରୁ ଯାହା ଶିକ୍ଷା ଲାଭ କରିଛୁ ସେଥି ପ୍ରତି ଦୃଷ୍ଟି ନିକ୍ଷେପ କରିବା ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଚାରି ବେଦ କ'ଣ ? ନିର୍ଦ୍ଦିଷ୍ଟ ଭାବେ କେଉଁ ବେଦ ଆଦି ବୈଦିକ ଯୁଗର ?

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** ପ୍ରତ୍ନତାତ୍ତ୍ୱିକ ଉତ୍‌ଖନନ ଦୃଷ୍ଟିରୁ ଆର୍ଯ୍ୟ ଆକ୍ରମଣ ସିଦ୍ଧାନ୍ତ ଗ୍ରହଣଯୋଗ୍ୟ କି ? ପ୍ରତ୍ନତତ୍ତ୍ୱବିଦମାନଙ୍କ ଯୁକ୍ତିକୁ ୧୦୦ ଶବ୍ଦରେ ଲେଖନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୩.** ବକ୍ତବ୍ୟଗୁଡ଼ିକ ଠିକ(✓) କି ଭୁଲ(✗) ଚିହ୍ନିତ କରନ୍ତୁ ।

କ) ଆଦି ବୈଦିକ ଯୁଗ ସମ୍ବନ୍ଧରେ ଆମ ଜ୍ଞାନର ଭିତ୍ତି କେବଳ ସାହିତ୍ୟିକ ଉତ୍ସ ।

ଖ) ବେଦଗୁଡ଼ିକ ସାରତଃ ବିଭିନ୍ନ ଦେବତାଙ୍କୁ ନିବେଦିତ ପ୍ରାର୍ଥନା ଓ ସୂକ୍ତ ସମୂହର ସଙ୍କଳନ ।

ଗ) ଅବେସ୍ତା ପ୍ରାଚୀନତମ ଇରାନୀ ଗ୍ରନ୍ଥ ।

ଘ) ଭାରତୀୟ ଉପମହାଦେଶକୁ 'ଆର୍ଯ୍ୟ' ଦେଶାନ୍ତର ସିଦ୍ଧାନ୍ତର ପ୍ରାମାଣିକତା ପାଇଁ ଋକ୍‌ବେଦ ଓ ଅବେସ୍ତାର ଭାଷାତାତ୍ତ୍ୱିକ ସାଦୃଶ୍ୟ ପ୍ରକୃଷ୍ଟ ଆଧାର ।

## ୧୧.୫ ଅର୍ଥବ୍ୟବସ୍ଥା

ଆଦି ବୈଦିକ ଯୁଗର ଚାରଣ ସମାଜରେ ଗୋପାଳନ ଥିଲା ପ୍ରମୁଖ ଜୀବିକା । ଏକ ଚାରଣ ସମାଜ କୃଷି ଉତ୍ପାଦ ଅପେକ୍ଷା ପଶୁ ସମ୍ପଦ ଉପରେ ଅଧିକ ନିର୍ଭରଶୀଳ । ପାରିପାର୍ଶ୍ୱିକ ଏବଂ ବିଶେଷ ସାଂସ୍କୃତିକ ପ୍ରତିବନ୍ଧକ ହେତୁ ବ୍ୟାପକ କୃଷି ସମ୍ଭବପର ହେଉ ନ ଥିବା ଅଞ୍ଚଳର ଜନତା ପଶୁପାଳନକୁ ଜୀବନ ନିର୍ବାହର ଉପାୟ ରୂପେ ଗ୍ରହଣ କରିଥାନ୍ତି ।

ଋକ୍‌ବେଦର ସୂକ୍ତମାନଙ୍କରୁ ଆଦି ବୈଦିକ ସମାଜରେ ଗୋସମ୍ପଦର ମହତ୍ୱ ନେଇ ବିସ୍ତୃତ ସାକ୍ଷ୍ୟ ଉପଲବ୍ଧ ହୁଏ । ଏହାର ଅନେକ ଭାଷାତାତ୍ତ୍ୱିକ ଅଭିବ୍ୟକ୍ତି ***ଗୌ*** ସହ ସମ୍ବନ୍ଧ । ଗୋସମ୍ପଦ ଥିଲା ସମ୍ପନ୍ନତାର ପ୍ରଧାନ ପରିମାପ । ବିଶେଷ ଗୋସମ୍ପଦର ଅଧିକାରୀ ସମ୍ପନ୍ନ ବ୍ୟକ୍ତିଙ୍କୁ 'ଗୋମତ' କୁହାଯାଉ ଥିଲା । ଏ କାଳରେ ଯୁଦ୍ଧ ଓ ସଂଘର୍ଷ ପାଇଁ ଗବିଷ୍ଟି, ଗବେଷଣା ଏବଂ ଗବ୍ୟାତ ଆଦି ଶବ୍ଦ ପ୍ରଯୁକ୍ତ ହେଉଥିଲା । ପ୍ରଥମ ଶବ୍ଦଟିର ଆକ୍ଷରିକ ଅର୍ଥ ହେଉଛି 'ଗାଇ ଖୋଜା' । ସ୍ୱୟଂ ଶବ୍ଦଗୁଡ଼ିକରୁ ସୂଚିତ ହୁଏ ଯେ ବିଭିନ୍ନ ଗୋଷ୍ଠୀ ମଧ୍ୟରେ ବିବାଦ ଏବଂ ଜନଜାତିଙ୍କ ମଧ୍ୟରେ ସାମୟିକ ଯୁଦ୍ଧ ଓ ସଂଘର୍ଷର ମୂଳ ଥିଲା ଗୋସମ୍ପଦ ଉପରେ ଅଧିକାର । ଋକ୍‌ବେଦରେ ବୈଦିକ ଜନତାଙ୍କ ଶତ୍ରୁ ପଣିମାନେ ସେମାନଙ୍କ ସମ୍ପଦ ବିଶେଷତଃ ଗାଇମାନଙ୍କୁ ପାହାଡ଼ ଜଙ୍ଗଲରେ ଲୁଚାଇ ଦେଉଥିବା କୁହାଯାଇଛି । ଗୋସମ୍ପଦର ପୁନରୁଦ୍ଧାର ପାଇଁ ବୈଦିକ ଜନତା ଇନ୍ଦ୍ରଙ୍କୁ ଆବାହନ କରୁଥିଲେ । ଏଥିରୁ ଜଣାଯାଏ ଯେ ଗୋ ଆକ୍ରମଣ ଥିଲା ସାଧାରଣ ଘଟଣା । ରାଜା ବା ମୁଖିଆଙ୍କୁ 'ଗୋପତି' ଅର୍ଥାତ୍ ଗୋସମ୍ପଦର ସୁରକ୍ଷାଦାତା କୁହାଯାଉ ଥିଲା । ଋକ୍‌ବେଦରେ ସମୟ ପରିମାପକ ଭାବେ ଗୋଧୂଳି ଶବ୍ଦଟି ବ୍ୟବହୃତ ହୋଇଛି । ଦୂରତାକୁ କୁହାଯାଇଛି ଗବ୍ୟୁତି । କନ୍ୟାକୁ ଦୁହିତୃ ବା ଗାଇର ଦୋହନକର୍ତ୍ତ୍ରୀ କୁହାଯାଇଛି । ରକ୍ତ ସମ୍ବନ୍ଧ ଥିବା ଏକକ ପାଇଁ ଗୋତ୍ର ଶବ୍ଦ ପ୍ରଯୁକ୍ତ ହୋଇଛି ।

ଏ ସମସ୍ତ ଶବ୍ଦ ***ଗୌ***ରୁ ବ୍ୟୁତ୍ପନ୍ନ ଏବଂ ଋକ୍‌ବେଦୀୟ ଜୀବନର ଧର୍ମ, ସମାଜ ସମେତ ସମସ୍ତ ମହତ୍ୱପୂର୍ଣ୍ଣ କ୍ଷେତ୍ରର କେନ୍ଦ୍ରରେ ଗୋପାଳନ ରହିଥିବାର ସୂଚକ । ଅଧିକାଂଶ ସୂକ୍ତ ଓ ସ୍ତୁତିରେ ଚାରଣ ଭୂମି, ଗାଇଗୁହାଳ, ଦୁଗ୍ଧଜାତ ପଦାର୍ଥ ଏବଂ ଗୃହପାଳିତ ପଶୁର ସାହିତ୍ୟିକ ଉଲ୍ଲେଖ ଦେଖାଯାଏ ।

ଗୋପାଳନର ପର୍ଯ୍ୟାପ୍ତ ଭାଷାତାତ୍ତ୍ୱିକ ସାକ୍ଷ୍ୟ ତୁଳନାରେ ଋକ୍‌ବେଦରେ କୃଷି କାର୍ଯ୍ୟକଳାପର ଉଲ୍ଲେଖ ଖୁବ୍ ସ୍ୱଳ୍ପ । କୃଷି ଉଲ୍ଲେଖ ମଧ୍ୟରୁ ଅଧିକାଂଶ ପରବର୍ତ୍ତୀ କାଳର । 'ଯବ' ବ୍ୟତୀତ ଅପର କୌଣସି ଶସ୍ୟର ଉଲ୍ଲେଖ ମିଳେ ନାହିଁ । ଆଦି ବୈଦିକ ଜନତା ଲୌହ ପ୍ରଯୁକ୍ତି ଉପଯୋଗ କରୁ ନ ଥିଲେ । କୃଷି କାର୍ଯ୍ୟକଳାପରେ ଲୌହ ସରଞ୍ଜାମ ଭଳି ସେମାନଙ୍କ ପରିଚିତ ତାମ୍ର ଆଦୌ ମୂଲ୍ୟବାନ ନ ଥିଲା । କୁଠାର ଭଳି ପ୍ରସ୍ତର ଉପକରଣର ଉପଯୋଗ ସମ୍ବନ୍ଧରେ ଋକ୍‌ବେଦରେ ଉଲ୍ଲେଖ ରହିଛି । ଜଙ୍ଗଲ ପୋଡ଼ି ପାଇଁ ଅଗ୍ନି ବ୍ୟବହୃତ ହେଉଥିଲା ଏବଂ ପୋଡୁଚାଷର ପ୍ରଚଳନ ଥିଲା । ଅଧିକନ୍ତୁ ଆଲୋଚ୍ୟ ଅଞ୍ଚଳ ସ୍ୱଳ୍ପ ବୃଷ୍ଟିପାତ ଏବଂ ଋକ୍‌ବେଦରେ ଉଲ୍ଲିଖିତ ସତଲେଜ, ସିନ୍ଧୁ, ଘଗ୍‌ଗର, ରାବୀ ଆଦି ସମସ୍ତ ନଦୀ ବାରଂବାର ଗତିପଥ ପରିବର୍ତ୍ତନ ଲାଗି ସୁବିଦିତ । ସେକାଳରେ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ବିକଶିତ ହୋଇ ନ ଥିଲା ଏବଂ ଏହା ବିନା ନଦୀ ସମୀପସ୍ଥ ପଟୁ ଭୂମିରେ ସ୍ଥାୟୀ କୃଷି ସମ୍ଭବପର ନ ଥିଲା । ଅତଏବ ଗ୍ରନ୍ଥ ଉଲ୍ଲିଖିତ କୋଦାଳ, ଦାଆ ଓ କୁଠାର ସମ୍ଭବତଃ କର୍ତ୍ତନ ଏବଂ ପୋଡୁଚାଷ ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିଲା । ଉଭୟ ପଶୁପାଳନ ଓ ପୋଡୁଚାଷର ଉଲ୍ଲେଖରୁ ଏ ଜନତା ଯାଯାବର ଅଥବା ଅର୍ଦ୍ଧଯାଯାବର ଥିବା ସୂଚିତ ହୁଏ । ଗାଈଗୋରୁଙ୍କ ପୋଷଣ ପାଇଁ ସେମାନେ ବିଶେଷ କାଳରେ ଗୋଷ୍ଠ ଧରି ଗାଁ ବାହାରକୁ ଯାଉଥିଲେ । ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ ଉତ୍ସରୁ ଜଣାଯାଏ ଯେ ଲୋକଙ୍କ ଜୀବନଯାପନ ସମ୍ପୂର୍ଣ୍ଣ ସୁସ୍ତ ନ ଥିଲା । ବସତି ସୂଚକ ***'ବିଶ୍'*** ଶବ୍ଦର ବ୍ୟବହାରରୁ ଏ ଲୋକଙ୍କ ଭ୍ରମଣଶୀଳ ଚରିତ୍ର ଜଣାଯାଏ । ଉପସର୍ଗ ଯୁକ୍ତ ବିଶ୍ ଶବ୍ଦ ନିରନ୍ତର ବ୍ୟବହୃତ ହୋଇଛି; ଯଥା- ପୁନର୍ବିଶ, ଉପବିଶ ଓ ପ୍ରବିଶ ଆଦି । ଏ ଶବ୍ଦଗୁଡ଼ିକର ଅର୍ଥ ଯଥାକ୍ରମେ ବସତିରେ ପୁନଃପ୍ରବେଶ, ବସତି ନିକଟରେ ବାସ ଓ ବସତିକୁ ପ୍ରତ୍ୟାବର୍ତ୍ତନ ।

ସମାଜରେ ଉପହାର ବିନିମୟ ଓ ପୁନର୍ବଣ୍ଟନର ଏକ ମହତ୍ୱପୂର୍ଣ୍ଣ ଆର୍ଥିକ ଭୂମିକା ରହିଥିଲା । ଜନଜାତୀୟ ସଂଘର୍ଷରେ ପରାଜିତ ଅଥବା ଅଧସ୍ତନ ଗୋଷ୍ଠୀ ଦ୍ୱାରା ବିଜୟୀ ମୁଖିଆଙ୍କୁ ବଳି ବା ଭେଟି ଓ ଉପହାର ଦିଆଯାଉ ଥିଲା । ଯୁଦ୍ଧର ଲୁଟ ଦ୍ରବ୍ୟ ଓ ବିଜୟୋପହାରରେ ବିଜୟୀ ଜନଜାତିର ଅବଶିଷ୍ଟ କୁଳସଦସ୍ୟଙ୍କର ଭାଗ ରହୁଥିଲା । ଉତ୍ସବାନୁଷ୍ଠାନ ବେଳେ ମଧ୍ୟ ମୁଖିଆ କୁଳସଦସ୍ୟଙ୍କୁ ଭୋଜି ଓ ଉପଢୌକନ ପ୍ରଦାନ କରୁଥିଲେ । ମର୍ଯ୍ୟାଦା ଅର୍ଜନ ପାଇଁ ମୁଖିଆ ଏଭଳି କରୁଥିଲେ । ଆଦି ବୈଦିକ ସମାଜରେ ବ୍ୟବସାୟ ବାଣିଜ୍ୟର ସାକ୍ଷ୍ୟ ବିରଳ । ଜମି ମାଲିକାନା ଭିତ୍ତିକ ବ୍ୟକ୍ତିଗତ ସମ୍ପତ୍ତି ଅବଧାରଣା ସେତେବେଳେ ନ ଥିଲା ।

## ୧୧.୬ ସମାଜ

ଆଦି ବୈଦିକ କାଳରେ ସମାଜ ଥିଲା ଜନଜାତୀୟ । ସାମାଜିକ ସମ୍ପର୍କର ପ୍ରମୁଖ ଭିତ୍ତି ଥିଲା ରକ୍ତ ସମ୍ବନ୍ଧର ବନ୍ଧନ । ଜାତି ଭିତ୍ତିରେ ସମାଜ ବିଭକ୍ତ ହୋଇ ନ ଥିଲା । ଏପରିକି ରାଜା, ପୁରୋହିତ, କାରିଗର ଆଦି ଥିଲେ କୁଟୁମ୍ବତନ୍ତ୍ରର ଅଂଶବିଶେଷ । ଋକ୍‌ବେଦରେ ବିଭିନ୍ନ ଜନଜାତିର ଉଲ୍ଲେଖ ଜନ ରୂପେ କରାଯାଇଛି । ବିଭିନ୍ନ ଜନ ମଧ୍ୟରେ ବାରଂବାର ସଂଘର୍ଷ ଘଟୁଥିଲା । ଋକ୍‌ବେଦରେ ଉଲ୍ଲିଖିତ ଏଭଳି ଏକ ଦୃଷ୍ଟାନ୍ତ ହେଉଛି ଦଶ ରାଜ୍ଞଙ୍କ ସମର । ଏ ଯୁଦ୍ଧ ଲଢ଼ିଥିବା କେତେକ ଜନଜାତି ଥିଲେ ଭରତ, ପୁରୁ, ଯଦୁ, ଅନୁ, ଦ୍ରୁହ୍ୟୁ ଓ ତୁର୍ବସୁ । ପୂର୍ବ ସୂଚିତ ମତେ ଜନଜାତୀୟ ସଂଘର୍ଷର ହେତୁ ଥିଲା ଗୋସମ୍ପଦ ଉପରେ ଆକ୍ରମଣ, ଗୋସମ୍ପଦ ଚୋରି ଇତ୍ୟାଦି । ଜନର ମୁଖ୍ୟ ଥିଲେ ରାଜା ବା ଗୋପତି । ସେ ଥିଲେ ଯୁଦ୍ଧର ନେତା ଏବଂ ଜନର ରକ୍ଷାକର୍ତ୍ତା । ତାଙ୍କ ପଦବୀର ଭିତ୍ତି ଉତ୍ତରାଧିକାର ନ ଥିଲା । ସେ କୁଳସଦସ୍ୟଙ୍କ ମଧ୍ୟରୁ ମନୋନୀତ ହେଉଥିଲେ । ଯୋଦ୍ଧାବର୍ଗ ଥିଲେ 'ରାଜନ୍ୟ' । ଅନେକ କୁଟୁମ୍ବ ବା ବିଶ୍‌କୁ ନେଇ ଜନ ଗଠିତ ହେଉଥିଲା । କୁଟୁମ୍ବ ଗ୍ରାମରେ ବାସ କରୁଥିଲେ । ମୌଳିକ ସାମାଜିକ ଏକକ ଥିଲା କୁଳ ବା ପରିବାର ଏବଂ କୁଳର ମୁଖ୍ୟ ବା ପରିବାରର ବରିଷ୍ଠତମ ପୁରୁଷ ସଦସ୍ୟ ଥିଲେ କୁଳପ ବା କୁଳର ରକ୍ଷାକର୍ତ୍ତା ।

| |
|---|
| **ଆସନ୍ତୁ ଜାଣିବା** |
| ଜନଜାତି- ଜନ; |
| ଜନଜାତୀୟ ଏକକ- ବିଶ୍; |
| ଗାଁ- ଗ୍ରାମ; |
| ପରିବାର- କୁଳ; |
| ପରିବାରର ମୁଖ୍ୟ- କୁଳପ । |

ସମାଜ ଥିଲା ପିତୃକୈନ୍ଦ୍ରିକ । ପୁତ୍ର ଜନ୍ମ ଥିଲା ଜନତାଙ୍କ ସାଧାରଣ ଅଭିଳାଷ । ସୂକ୍ତଗୁଡ଼ିକରେ ପୁତ୍ର ସନ୍ତାନ ପାଇଁ ବାରଂବାର କରାଯାଇ ଥିବା ପ୍ରାର୍ଥନାରୁ ପୁରୁଷ ସଦସ୍ୟଙ୍କ ମହତ୍ୱ ବୁଝିହୁଏ ।

ସମାଜ ପିତୃକୈନ୍ଦ୍ରିକ ଥିଲେ ସୁଦ୍ଧା ମହିଳାମାନଙ୍କ ସ୍ଥିତି ଥିଲା ମହତ୍ୱପୂର୍ଣ୍ଣ । ସେମାନଙ୍କୁ ଶିକ୍ଷା ପ୍ରଦାନ କରାଯାଉ ଥିଲା ଏବଂ ସମ୍ମେଳନମାନଙ୍କରେ ସ୍ଥାନ ଦିଆଯାଉ ଥିଲା । ସୂକ୍ତ ରଚନାକାରିଣୀ ମହିଳାଙ୍କ ଉଦାହରଣ ମଧ୍ୟ ରହିଛି । ସେମାନଙ୍କର ବରପାତ୍ର ନିର୍ବାଚନ ଏବଂ ବିଳମ୍ବ ବିବାହର ଅଧିକାର ରହିଥିଲା । ତେବେ ମହିଳାମାନଙ୍କୁ ପିତା, ଭ୍ରାତା ଅଥବା ସ୍ୱାମୀଙ୍କ ଉପରେ ନିର୍ଭରଶୀଳ ବୋଲି ଚିରକାଳ ବିଚାର କରାଯାଉ ଥିଲା । ଶିକ୍ଷାଦାନର ମାଧ୍ୟମ ଥିଲା ମୌଖିକ । କିନ୍ତୁ ଏ କାଳରେ ଶିକ୍ଷା ପରମ୍ପରାର ପୂର୍ଣ୍ଣ ବିକାଶ ଘଟି ନ ଥିଲା ।

ଋକ୍‌ବେଦର ରଚୟିତାମାନେ ସେମାନେ ଦାସ ବା ଦସ୍ୟୁ କହୁଥିବା ଅପର ଗୋଷ୍ଠୀମାନଙ୍କ ଠାରୁ ନିଜକୁ ପୃଥକ୍ ବିବେଚନା କରୁଥିଲେ । ଦାସମାନେ କୃଷ୍ଣ ବର୍ଣ୍ଣ, ସ୍ଥୂଳ ଓଷ୍ଠ, ଚେପଟା ନାକଧାରୀ, ଲିଙ୍ଗ ଉପାସକ ଏବଂ ପ୍ରତିକୂଳ ବାକ୍ ବ୍ୟକ୍ତି ରୂପେ ବର୍ଣ୍ଣିତ ହୋଇଛନ୍ତି । ବିପୁଳ ଗୋସମ୍ପଦର ଅଧିକାରୀ ଦାସମାନେ ଦୃଢ଼ ଦୁର୍ଗ ମଧ୍ୟରେ ବାସ କରୁଥିଲେ । ଗୋସମ୍ପଦରେ ଧନୀ ପଣି ନାମକ ଅନ୍ୟ ଏକ ଜନ ସମୁଦାୟ ସମ୍ବନ୍ଧରେ ଆମେ ଜାଣିବାକୁ ପାଉ । ପରବର୍ତ୍ତୀ ଯୁଗରେ ପଣି ଶବ୍ଦଟି ବଣିକ ଓ ସମ୍ପଦ ସହ ସଂଶ୍ଲିଷ୍ଟ ହୋଇଯାଇଛି । ଏଇ ଗୋଷ୍ଠୀମାନେ ସମୟକୁ ସମୟ ପରସ୍ପର ସହ ଲଢୁଥିଲେ ଏବଂ ମିତ୍ରତା ସ୍ଥାପନ କରୁଥିଲେ । ସେମାନଙ୍କୁ ପୃଥକ୍ ସଜାତୀୟ ଅଥବା ଭାଷାତାତ୍ତ୍ୱିକ ଗୋଷ୍ଠୀ ରୂପେ ସଂଜ୍ଞାୟିତ କରାଯାଇ ପାରିବ ନାହିଁ । ଉଦାହରଣ ସ୍ୱରୂପ ଋକ୍‌ବେଦରେ ଉଲ୍ଲିଖିତ ସର୍ବାଧିକ ପ୍ରଖ୍ୟାତ ମୁଖିଆ ସୁଦାସ । ଦଶରାଜ୍ଞ ସମରରେ ସେ ଥିଲେ ଭରତ ଜନଙ୍କ ନେତା । ଦାସାନ୍ତ ନାମରୁ ଦାସମାନଙ୍କ ସହ ତାଙ୍କର କୌଣସି ସଂଯୋଗ ଥିବା ସୂଚିତ ହୁଏ । ତେବେ ସମାନ ଅଞ୍ଚଳରେ ବିଭିନ୍ନ ଗୋଷ୍ଠୀଙ୍କ ଉପସ୍ଥିତି ସମ୍ଭବତଃ ବର୍ଣ୍ଣ ବ୍ୟବସ୍ଥାର ଅଭ୍ୟୁଦୟ ପାଇଁ ଦାୟୀ ଥିଲା ।

ତନ୍ତୀ, ବଢ଼େଇ, ସୁନାରି, କମାର, ଚମାର, ରଥକାର, ପୁରୋହିତ ଆଦି ବିଭିନ୍ନ ପେସାଧାରୀ ଗୋଷ୍ଠୀଙ୍କ ଉଲ୍ଲେଖ ମଧ୍ୟ ମିଳେ । ରଥକାରଙ୍କ ସାମାଜିକ ସ୍ଥିତି ଥିଲା ସ୍ୱତନ୍ତ୍ର । ଋକ୍‌ବେଦରେ ଭିକ୍ଷୁକ, ମଜୁରିଆ ଅଥବା ମଜୁରିର କୌଣସି ଉଲ୍ଲେଖ ନାହିଁ । ତେବେ ଆର୍ଥିକ ଦୃଷ୍ଟିରୁ ସମାଜ ଥିଲା ବିଭାଜିତ । ରଥ, ଗୋରୁ ଆଦିର ଅଧିକାରୀ ଧନିକ ବ୍ୟକ୍ତି ଏବଂ ଉଦାରଚିତ୍ତରେ ସେମାନେ କରୁଥିବା ଦାନର ଉଲ୍ଲେଖ ଆମେ ପାଉ ।

**ପ୍ରଗତି ପରୀକ୍ଷଣ-୨**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** 'ଚାରଣ ସମାଜ' କହିଲେ ଆପଣ କ'ଣ ବୁଝନ୍ତି ? ଆଦି ବୈଦିକ ଯୁଗରେ ଏହା ଲୋକଙ୍କ ପ୍ରଧାନ ଜୀବିକା ଥିଲା କାହିଁକି ?

.................................................................................................

.................................................................................................

.................................................................................................

.................................................................................................

.................................................................................................

**ପ୍ରଶ୍ନ ୨.** ଆଦି ବୈଦିକ ସମାଜରେ ଗୋସମ୍ପଦର ମହତ୍ୱ କ'ଣ ଥିଲା ? ୫୦ ଶବ୍ଦରେ ଲେଖନ୍ତୁ ।

.................................................................................................

.................................................................................................

.................................................................................................

.................................................................................................

.................................................................................................

**ପ୍ରଶ୍ନ ୩.** ଆଦି ବୈଦିକ ସମାଜର ପାଞ୍ଚଟି ମହତ୍ୱପୂର୍ଣ୍ଣ ଲକ୍ଷଣ ଆଲୋଚନା କରନ୍ତୁ । ପାଞ୍ଚ ଧାଡ଼ିରେ ଉତ୍ତର ଲେଖନ୍ତୁ ।

.................................................................................................

.................................................................................................

.................................................................................................

.................................................................................................

.................................................................................................

**ପ୍ରଶ୍ନ ୪.** ନିର୍ଭୁଲ ଉତ୍ତର ଲେଖି ଶୂନ୍ୟସ୍ଥାନ ପୂରଣ କରନ୍ତୁ ।

କ) ଆଦି ବୈଦିକ ସମାଜରେ ରାଜା ବା ମୁଖିଆଙ୍କୁ ............................ (ଗୋମତ/ଗୋପତି) କୁହାଯାଉ ଥିଲା ।

ଖ) ଏ ସମୟର ସାମୟିକ ଆନ୍ତଃଜନଜାତୀୟ ଯୁଦ୍ଧ ଓ ସଂଘର୍ଷର ପ୍ରଧାନ କାରଣ ଥିଲା ............................ (ଗାଈ/ଭୂମି) ଅଧିକାର ।

ଗ) ଋକ୍‌ବେଦରେ ............................ (ଯବ/ତଣ୍ଡୁଳ) ବ୍ୟତୀତ ଅପର ଶସ୍ୟର ଉଲ୍ଲେଖ ନାହିଁ ।

ଘ) ମୌଳିକ ସାମାଜିକ ଏକକ ଥିଲା ............................ (କୁଳ/କୁଟୁମ୍ବ) ।

ଙ) ଆଦି ବୈଦିକ ସମାଜର ଭିତ୍ତି ଥିଲା ............................ (ବହୁପତ୍ନୀ ବିବାହ/ଏକପତ୍ନୀ ବିବାହ) ।

## ୧୧.୭ ଶାସନତନ୍ତ୍ର

ଜନଜାତୀୟ ଶାସନତନ୍ତ୍ର ସମ୍ପୂର୍ଣ୍ଣ ସମତାବାଦୀ ନ ଥିଲା । ସ୍ୱୟଂ ଋକ୍‌ବେଦରେ ଏକ ବିଭାଜନର ଉଲ୍ଲେଖ ରହିଛି । ଏଥିରେ ଦୁଇଟି ଗୋଷ୍ଠୀ ରାଜନ୍ୟ ଓ ବିଶ୍ ଉଲ୍ଲିଖିତ ହୋଇଛି । ଯୁଦ୍ଧ ଲଢୁଥିବା ରାଜନ୍ୟଙ୍କୁ ବଂଶବୃକ୍ଷରେ ବରିଷ୍ଠତା ପ୍ରଦାନ କରାଯାଇଛି । ଅପର କୁଳସଦସ୍ୟ ବା ବିଶ୍ ଥିଲେ କନିଷ୍ଠ । ଏ ମଧ୍ୟରୁ କୌଣସି ଗୋଷ୍ଠୀ ବିଶେଷ ସାମାଜିକ ଅନୁକ୍ରମ ହାସଲ କରି ନ ଥିଲେ ମଧ୍ୟ ବାରଂବାର ସଂଘର୍ଷ ଏବଂ ଆନ୍ତଃଜନଜାତୀୟ ଯୁଦ୍ଧ ସମାଜରେ ଏକ ବିଭାଜନ ସୃଷ୍ଟିରେ ସହାୟକ ହୋଇଥିଲା । ଅଧିକ ଚାରଣ ଭୂମି, ଗୋସମ୍ପଦ ଏବଂ ଜନତା ଓ ବସତିର ସୁରକ୍ଷା ଜନିତ କ୍ରମବର୍ଦ୍ଧମାନ ଆବଶ୍ୟକତା ସମ୍ଭବତଃ ଆନ୍ତଃଜନଜାତୀୟ ଓ ଅନ୍ତର୍ଜନଜାତୀୟ ସଂଘର୍ଷ ଓ ଯୁଦ୍ଧ ବୃଦ୍ଧିର କାରଣ ହେଲା । ଯୁଦ୍ଧରେ ଯୋଦ୍ଧାମାନଙ୍କ ବିଜୟ କାମନା କରି କୁଟୁମ୍ବମାନେ ବିଶାଳ ଯଜ୍ଞର ଆୟୋଜନ କଲେ । ଏ ଯଜ୍ଞଗୁଡ଼ିକରେ ପୁରୋହିତ କୁଟୁମ୍ବ ସଦସ୍ୟ ଓ ଦେବତାଙ୍କ ମଧ୍ୟରେ ମଧ୍ୟସ୍ଥତା କଲେ । ଯୁଦ୍ଧରେ ଜନଜାତି ମୁଖିଆଙ୍କ ବିଜୟ କାମନା କରି ସେ ମଧ୍ୟ ଆଶୀର୍ବାଦ ପାଇଁ ଦେବତାଙ୍କୁ ଆବାହନ କଲେ । ପ୍ରାରମ୍ଭରେ କୁଟୁମ୍ବର ସମସ୍ତ ସଦସ୍ୟ ଏ ଯଜ୍ଞଗୁଡ଼ିକରେ ସମାନ ଭାବେ ଅଂଶ ଗ୍ରହଣ କରୁଥିଲେ । ଏତିକି ବେଳେ ବିପୁଳ ଖାଦ୍ୟ ଓ ସମ୍ପଦ ଆଦି ବଣ୍ଟନ କରାଯାଉ ଥିଲା ଏବଂ ସମସ୍ତ ସଦସ୍ୟ ସମାନ ଅଂଶ ପ୍ରାପ୍ତ ହେଉଥିଲେ । କିନ୍ତୁ ଯୁଦ୍ଧ ଓ ସଂଘର୍ଷର ଅଭିବୃଦ୍ଧି ସହ ଯଜ୍ଞର ମହତ୍ୱ ବଢ଼ି ଚାଲିଲା ଏବଂ ପୁରୋହିତ ସମାଜରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କଲେ । ଏ କାଳର ପରବର୍ତ୍ତୀ ଅଂଶରେ ରାଜାଙ୍କ ଠାରୁ

ଉପହାରର ପ୍ରମୁଖ ଅଂଶ ତାଙ୍କୁ ମିଳିଲା ଏବଂ କୁଟୁମ୍ବର ଅପର ସଦସ୍ୟଙ୍କ ତୁଳନାରେ ସେ ଉତ୍କୃଷ୍ଟ ସ୍ଥାନ ପ୍ରାପ୍ତ ହେଲେ ।

ଯୁଦ୍ଧ ଇତ୍ୟାଦି ଯୋଗୁଁ ରାଜ ପଦବୀର ମଧ୍ୟ ମହତ୍ୱ ବଢ଼ିଲା ଏବଂ ବରିଷ୍ଠ ଓ କନିଷ୍ଠ ବଂଶବୃକ୍ଷ ମଧ୍ୟରେ ବିଭାଜନ ତୀବ୍ରତର ହେଲା । କେଉଁ ସମୟରେ ଏ ରାଜନୀତିକ ପାର୍ଥକ୍ୟ ସ୍ପଷ୍ଟ ହେଲା କହିବା କଷ୍ଟସାଧ୍ୟ । କିନ୍ତୁ ମନେ ରଖିବା ଉଚିତ ଯେ ଋକ୍‌ବେଦର ଦଶମ ମଣ୍ଡଳରେ 'ପୁରୁଷ ସୂକ୍ତ' ରହିଛି ଏବଂ ପରବର୍ତ୍ତୀ ବୈଦିକ କୃତିମାନଙ୍କରେ ଉତ୍କୃଷ୍ଟତର ରାଜନ୍ୟ ଗୋଷ୍ଠୀ ଏକ ସ୍ୱତନ୍ତ୍ର ବର୍ଣ୍ଣ କ୍ଷତ୍ରିୟର ମର୍ଯ୍ୟାଦା ହାସଲ କରିଛନ୍ତି । ଏସବୁ ଘଟଣା ଖ୍ରୀ.ପୂ. ୧୦୦୦ ପରେ ଘଟିଛି । ଏହାର ଅର୍ଥ ନୁହେଁ ଆମ ଅଧ୍ୟୟନ କାଳରେ ସମାଜ ଥିଲା ସ୍ଥିର । ବସ୍ତୁତଃ ଏହା ଧୀରେ ଧୀରେ କିନ୍ତୁ ନିଶ୍ଚିତ ଭାବରେ ପରିବର୍ତ୍ତିତ ହେଉଥିଲା ଏବଂ ପରବର୍ତ୍ତୀ ବୈଦିକ ପର୍ଯ୍ୟାୟର ଜଟିଳ ସାମାଜିକ-ରାଜନୀତିକ ସଂରଚନା ଆଡ଼କୁ ଗତି କରୁଥିଲା । (ଦେଖନ୍ତୁ ଦ୍ୱାଦଶ ଏକକ ।)

ଋକ୍‌ବେଦରେ ଗଣ, ବିଧାତା, ସଭା, ସମିତି ଆଦି ଜନଜାତୀୟ ସମ୍ମେଳନମାନଙ୍କର ଉଲ୍ଲେଖ ଅଛି । ସଭା ସମ୍ଭବତଃ ଥିଲା ମନୋନୀତ କୁଟୁମ୍ବ ସଦସ୍ୟଙ୍କ ପରିଷଦ ଏବଂ ସମିତି ସମଗ୍ର କୁଟୁମ୍ବକୁ ନେଇ ଗଠିତ । ଏ ସମ୍ମେଳନଗୁଡ଼ିକ ଶାସନ ଓ ପ୍ରଶାସନ କାର୍ଯ୍ୟ ନିର୍ବାହ କରୁଥିଲେ ଏବଂ କୁଳସଦସ୍ୟଙ୍କ ମଧ୍ୟରୁ ରାଜା ମନୋନୟନରେ ଅଂଶ ଗ୍ରହଣ କରୁଥିଲେ । ଏହିପରି ଯୋଦ୍ଧାମାନଙ୍କ କ୍ଷମତାରେ ଅଙ୍କୁଶ ଲାଗୁଥିଲା । ତେବେ ପୂର୍ବେ କୁହାଯାଇ ଥିବା ଭଳି ଆଦି ବୈଦିକ ସମାଜରେ ସୁସ୍ପଷ୍ଟ ରାଜନୀତିକ ଅନୁକ୍ରମ ମିଳୁ ନ ଥିଲେ ମଧ୍ୟ ଏ ସମୟର ପରିବର୍ତ୍ତନ ଏକ ସାମାଜିକ-ରାଜନୀତିକ ଅନୁକ୍ରମକୁ ଜନ୍ମ ଦେଲା ଯାହା ପରବର୍ତ୍ତୀ ବୈଦିକ ପର୍ଯ୍ୟାୟରେ ବର୍ଣ୍ଣ ବ୍ୟବସ୍ଥାର ଉଦ୍ଭବରେ ନିଜକୁ ପ୍ରକଟ କଲା । ଆଦି ବୈଦିକ ସମାଜ ଜନଜାତୀୟ ମୂଲ୍ୟବୋଧ ଓ ମାନକ ଦ୍ୱାରା ଶାସିତ ହେଉଥିଲା ଏବଂ ପ୍ରଧାନତଃ ଥିଲା ସମତାବାଦୀ ।

## ୧୧.୮ ଧର୍ମ

ଋକ୍‌ବେଦର ସୂକ୍ତଗୁଡ଼ିକରେ ବୈଦିକ ଜନତାଙ୍କ ଧର୍ମ ଧାରଣା ପ୍ରତିଫଳିତ । ସେମାନେ ଚତୁର୍ପାର୍ଶ୍ୱରେ ଥିବା ବାୟୁ, ଜଳ, ବୃଷ୍ଟି, ବଜ୍ର, ଅଗ୍ନି ଆଦି ସେମାନଙ୍କ ନିୟନ୍ତ୍ରଣ ବହିର୍ଭୂତ ପ୍ରାକୃତିକ ଶକ୍ତିଙ୍କ ଉପାସନା କରୁଥିଲେ ଏବଂ ପ୍ରକୃତିରେ ଦିବ୍ୟତ୍ୱ ଆରୋପ କରି ମାନବ ରୂପରେ କଳ୍ପନା କରୁଥିଲେ । ଏଗୁଡ଼ିକ ଥିଲେ ପ୍ରାୟତଃ ପୁରୁଷବାଚୀ । ଉପାସିତ ଦେବୀଙ୍କ ସଂଖ୍ୟା ଥିଲା ଖୁବ୍ କମ୍ । ଧର୍ମ ତେଣୁ ଥିଲା ପିତୃକୈନ୍ଦ୍ରିକ ସମାଜର ପ୍ରତିଫଳନ ଏବଂ ଆଦିମ ଜଡ଼ାତ୍ମବାଦ ।

ଇନ୍ଦ୍ର ଥିଲେ ଶକ୍ତିର ଦେବତା । ଶତ୍ରୁଙ୍କ ବିନାଶ ପାଇଁ ତାଙ୍କର ଆବାହନ କରାଯାଉ ଥିଲା । ସେ ଥିଲେ ବଜ୍ରର ଦେବତା ଏବଂ ବୃଷ୍ଟିର କାରକ । ବୃଷ୍ଟି ପାଇଁ ସମୟ ସମୟରେ ତାଙ୍କୁ ଆବାହନ କରାଯାଉ ଥିଲା । ସେ ଥିଲେ ଅପରାଜେୟ । ଏହିପରି ଶକ୍ତି ସହ ସଂପୃକ୍ତ ବଜ୍ର ଓ ବୃଷ୍ଟିର ମୂର୍ତ୍ତିମାନ ପୁରୁଷ ସ୍ୱରୂପର ପ୍ରତିନିଧି ଦେବତା ଥିଲେ ଇନ୍ଦ୍ର । ଯୁଦ୍ଧର ଦେବତା ଭାବେ ଇନ୍ଦ୍ରଙ୍କ ଚରିତ୍ର ଜନଜାତୀୟ ମୁଖିଆଙ୍କ ଅବଧାରଣାର ମଧ୍ୟ ପ୍ରତିନିଧିତ୍ୱ କରେ ।

ମହତ୍ୱ ଦୃଷ୍ଟିରୁ ଇନ୍ଦ୍ରଙ୍କ ପରବର୍ତ୍ତୀ ଦେବତା ଥିଲେ ଅଗ୍ନି । ତାଙ୍କୁ ସ୍ୱର୍ଗ ଓ ମର୍ତ୍ତ୍ୟ ମଧ୍ୟରେ ଅର୍ଥାତ୍ ଦେବତା ଓ ମନୁଷ୍ୟଙ୍କ ମଧ୍ୟରେ ଜଣେ ପ୍ରତିନିଧି ରୂପେ ଦେଖାଯାଉ ଥିଲା । ଗୃହର ଅଗ୍ନିସ୍ଥାନରେ ତାଙ୍କର ପ୍ରାଧାନ୍ୟ ରହିଥିଲା ଏବଂ ତାଙ୍କ ଉପସ୍ଥିତିରେ ବିଧି ପୂର୍ବକ ବିବାହ ସମ୍ପାଦିତ ହେଉଥିଲା । ଅଗ୍ନି ମଇଳା ଓ ଜୀବାଣୁ ନାଶ କରେ । ଏହା ତେଣୁ ପବିତ୍ର ବିବେଚିତ ହେଉଥିଲା । ଆଦି ବୈଦିକ ସମାଜରେ ଅଗ୍ନିଙ୍କ ମହତ୍ୱ ଯଜ୍ଞ ସହ ସମ୍ବନ୍ଧ ଥିଲା । ଅଗ୍ନିରେ ଦିଆଯାଉ ଥିବା ଆହୁତି ଧୂମ ରୂପରେ ଦେବତାଙ୍କ ନିକଟରେ ପହଞ୍ଚୁଥିବାର ମାନ୍ୟତା ରହିଥିଲା । ଜଳର ମୂର୍ତ୍ତିମନ୍ତ ସ୍ୱରୂପ ବରୁଣ ଥିଲେ ଋତ ବା ବିଶ୍ୱର ପ୍ରାକୃତିକ ଶୃଙ୍ଖଳାର ନିୟାମକ ।

ଆଦି ବୈଦିକ ଧର୍ମ ବିଶ୍ୱାସରେ ମୃତ୍ୟୁର ଦେବତା ଯମଙ୍କର ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଥିଲା ।

ସୂର୍ଯ୍ୟ, ସୋମ, ସବିତୃ, ରୁଦ୍ର ଆଦି ଅପର ଅନେକ ଦେବତା ଏବଂ ଗନ୍ଧର୍ବ, ଅପ୍‌ସରା, ମରୁତ ପ୍ରଭୃତି ସ୍ୱର୍ଗୀୟ ସତ୍ତା ସମୁଦାୟଙ୍କୁ ନିବେଦିତ ଅନେକ ସ୍ତୁତି ଓ ସୂକ୍ତ ଋକ୍‌ବେଦରେ ରହିଛି ।

ବୈଦିକ ଧର୍ମର ମୂଳ ଥିଲା ଯଜ୍ଞ । ଯଜ୍ଞର ଉଦ୍ଦେଶ୍ୟ ଥିଲା:

୧. ଦେବତାଙ୍କ ଆବାହନ

୨. ଯୁଦ୍ଧରେ ଜୟ ଲାଗି ଦେବତାଙ୍କ ବର ପ୍ରାପ୍ତି ଅଥବା

୩. ଗୋସମ୍ପଦ, ସନ୍ତାନ ଆଦି ପ୍ରାପ୍ତି ନିମିତ୍ତ ଦେବତାଙ୍କ ଆଶୀର୍ବାଦ ଭିକ୍ଷା ।

ଯଜ୍ଞ ସରଞ୍ଜାମ ବିଶେଷତଃ ଯଜ୍ଞ ବେଦିକା, ସୋମଲତାର ନିଷ୍କେଷଣ ନିମିତ୍ତ ବ୍ୟବହୃତ ଶିଳ, ଉଦୁଖଳ, ଯୁଦ୍ଧାସ୍ତ୍ର ଓ ଢୋଲ ମଧ୍ୟରେ ନିବାସ କରୁଥିବା ଶକ୍ତିଙ୍କ ପ୍ରତି ଉତ୍ସର୍ଗୀକୃତ ଅନେକ ସୂକ୍ତ ଆମେ ପାଉ । ଯଜ୍ଞରେ ସ୍ତୁତି ଓ ସୂକ୍ତ ଆବୃତ୍ତି କରାଯାଉ ଥିଲା ଏବଂ ପୁରୋହିତ ସାଧାରଣତଃ ଯଜ୍ଞ ସମ୍ପାଦନ କରୁଥିଲେ । ଯଜ୍ଞର ମହତ୍ୱ ବୃଦ୍ଧି ସହ ବୈଦିକ ସମାଜରେ ପୁରୋହିତଙ୍କ ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଲା । ଯଜ୍ଞ ଯୋଗୁଁ ଗଣିତ ଏବଂ ପଶୁ ଶରୀର ରଚନା ଜ୍ଞାନର ବୃଦ୍ଧି ଓ ବିକାଶ ଘଟିଲା । ଯଜ୍ଞ ସ୍ଥଳରେ ବିଭିନ୍ନ ଦ୍ରବ୍ୟର ସ୍ଥାନ ନିରୂପଣ ସମ୍ବନ୍ଧିତ ଗଣନା ପାଇଁ ମୌଳିକ ଗଣିତ ଜ୍ଞାନ ଥିଲା ଅପରିହାର୍ଯ୍ୟ । ସେହିପରି ନିୟମିତ ପଶୁ ବଳି ସେମାନଙ୍କ ଶରୀର ରଚନା ଜ୍ଞାନ ସୃଷ୍ଟିର କାରଣ ହେଲା । ବୈଦିକ ଜନତାଙ୍କ ଦୃଷ୍ଟିରେ ବିଶ୍ୱ ଉତ୍ପତ୍ତିର କାରଣ ଥିଲା ଏକ ବିରାଟ ବ୍ରହ୍ମାଣ୍ଡୀୟ ଯଜ୍ଞ ଏବଂ ଯଥାର୍ଥ ଯଜ୍ଞ ସମ୍ପାଦନ ଦ୍ୱାରା ହିଁ ଏହାର ପରିପାଳନ ସମ୍ଭବପର । ବୈଦିକ ଧର୍ମର ଭିତ୍ତି କୌଣସି ଜାଦୁ କ୍ରିୟା ବିଧି ନ ଥିଲା । ଏହା ଯଜ୍ଞ, ସୂକ୍ତ ଆଦି ମାଧ୍ୟମରେ ଦେବତାଙ୍କ ସହ ପ୍ରତ୍ୟକ୍ଷ ଯୋଗାଯୋଗ ସ୍ଥାପନ ଉପରେ ଜୋର ଦେଉଥିଲା । ଜନତାଙ୍କ ଆଧ୍ୟାତ୍ମିକ ଉନ୍ନୟନ ପାଇଁ ଅଥବା କୌଣସି ଅମୂର୍ତ୍ତ ଦାର୍ଶନିକ ସିଦ୍ଧାନ୍ତ ହେତୁ ଦେବତାଙ୍କ ଉପାସନା କରାଯାଉ ନ ଥିଲା; କିନ୍ତୁ ଭୌତିକ ପ୍ରାପ୍ତି ଆଶାରେ ସେମାନଙ୍କ ଆବାହନ କରାଯାଉ ଥିଲା ।

ଯଜ୍ଞ ଧର୍ମ ଚାରଣ ଜନତାଙ୍କ ଧର୍ମ । ଚାରଣ ସମାଜରେ ପଶୁବଳିର ତୀବ୍ରତା ଖୁବ୍ ଅଧିକ । ଦୁଗ୍ଧ ଓ ମାଂସ ଉତ୍ପାଦନ ଅଥବା ପ୍ରଜନନ ଉଦ୍ଦେଶ୍ୟରେ ବ୍ୟବହାର ଯୋଗ୍ୟ ହୋଇପାରୁ ନ ଥିବା ଅର୍ଥାତ୍ ଆର୍ଥିକ ଦୃଷ୍ଟିରୁ ଅନୁପଯୋଗୀ ବୃଦ୍ଧ ପଶୁଙ୍କୁ ହତ୍ୟା କରି ମାଲିକଙ୍କ ଭାର ଲାଘବ କରିବା ଏହାର ଉଦ୍ଦେଶ୍ୟ । ଅତଏବ ପଶୁବଳି ଥିଲା ବୃଦ୍ଧ ପଶୁଙ୍କୁ ହତ୍ୟା କରିବାର ଏକ ମାର୍ଗ । ଏ ଦୃଷ୍ଟିରୁ ସମାଜରେ ଏହାର ଭୂମିକା ଥିଲା ମହତ୍ୱପୂର୍ଣ୍ଣ । ଅପର ପକ୍ଷରେ କୃଷି ସମାଜରେ ବୃଦ୍ଧ ପଶୁଙ୍କୁ କର୍ଷଣ ଉଦ୍ଦେଶ୍ୟରେ କ୍ଷେତରେ ନିୟୋଜନ କରାଯାଏ । ସେଇଥି ପାଇଁ କୃଷିକର୍ମ ଉପରେ ମୌଳିକତଃ ନିର୍ଭରଶୀଳ ଏକ

ସମାଜ ପଶୁ ହତ୍ୟାରେ ଅସହମତି ପ୍ରକାଶ କରେ । ମୋଟ ଉପରେ ବୈଦିକ ଧର୍ମ ଥିଲା ପିତୃକୈନ୍ଦ୍ରିକ ଚାରଣ ସମାଜର ପ୍ରତିଫଳନ ଏବଂ ପରିପ୍ରେକ୍ଷୀ ଦୃଷ୍ଟିରୁ ଭୌତିକ ।

**ପ୍ରଗତି ପରୀକ୍ଷଣ-୩**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଆଦି ବୈଦିକ ଶାସନତନ୍ତ୍ରରେ ରାଜନ୍‌ଙ୍କ ସ୍ଥାନ କ'ଣ ଥିଲା ? ପାଞ୍ଚ ଧାଡ଼ିରେ ଉତ୍ତର ଲେଖନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୨.** ଆଦି ବୈଦିକ ଜନତାଙ୍କ ଧର୍ମର ସ୍ୱଭାବ ଆଲୋଚନା କରନ୍ତୁ । ପାଞ୍ଚ ଧାଡ଼ିରେ ଉତ୍ତର ଲେଖନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

**ପ୍ରଶ୍ନ ୩.** ବକ୍ତବ୍ୟଗୁଡ଼ିକ ଠିକ(✓) କି ଭୁଲ(✗) ଚିହ୍ନିତ କରନ୍ତୁ ।

କ) ସମାଜରେ ପୁରୋହିତଙ୍କ ସ୍ୱତନ୍ତ୍ର ସ୍ଥାନ ନ ଥିଲା ।

ଖ) ରାଜାଙ୍କ ମନୋନୟନରେ ସଭା ଓ ସମିତିର କୌଣସି ଭୂମିକା ନ ଥିଲା ।

ଗ) ଆଦିବୈଦିକ ଜନତାଙ୍କ ସର୍ବାଧିକ ମହତ୍ୱପୂର୍ଣ୍ଣ ଦେବତା ଥିଲେ ଶକ୍ତିର ଦେବତା ଇନ୍ଦ୍ର ।

ଘ) ଜନତାଙ୍କ ଆଧ୍ୟାତ୍ମିକ ଉନ୍ନୟନ ପାଇଁ ଦେବତାଙ୍କ ଉପାସନା କରାଯାଉ ଥିଲା ।

ଙ) ଧର୍ମର ଭିତ୍ତି କୌଣସି ଜାଦୁ କ୍ରିୟା ବିଧି ନ ଥିଲା ।

## ୧୧.୯ ସାରାଂଶ

ଏଇ ଏକକରେ ଆପଣମାନେ ଆଦି ବୈଦିକ ସମାଜର ପୁନର୍ଗଠନରେ ସହାୟକ ସାହିତ୍ୟିକ ଏବଂ କିଛି ମାତ୍ରାରେ ପ୍ରତ୍ନତାତ୍ତ୍ୱିକ ଉତ୍ସ ସମ୍ବନ୍ଧରେ ଅଧ୍ୟୟନ କଲେ । ପ୍ରତ୍ନତାତ୍ତ୍ୱିକ ଉତ୍ସର ଆଲୋକରେ ଆର୍ଯ୍ୟମାନଙ୍କ ଏକ ବିଶାଳ ଦେଶାନ୍ତରଣକୁ ଗ୍ରହଣ କରାଯିବା ଆୟାସସାଧ୍ୟ ।

ଆଦି ବୈଦିକ ଅର୍ଥବ୍ୟବସ୍ଥାରେ ଚାରଣର ପ୍ରାଧାନ୍ୟ ରହିଥିଲା ଏବଂ ସମ୍ପଦର ସର୍ବାଧିକ ମହତ୍ୱପୂର୍ଣ୍ଣ ରୂପ ଥିଲା ଗାଈ । ଆଦି ବୈଦିକ ଜନତାଙ୍କ ଜୀବନରେ କୃଷିର ସ୍ଥାନ ମହତ୍ୱ ଦୃଷ୍ଟିରୁ ଥିଲା ଦ୍ୱିତୀୟ ।

ଆଦି ବୈଦିକ ସମାଜ ଥିଲା ଜନଜାତୀୟ ଏବଂ ମୌଳିକତଃ ସମତାବାଦୀ । କୁଟୁମ୍ବ ଏବଂ ରକ୍ତ ସମ୍ବନ୍ଧ ଥିଲା ସମାଜର ଭିତ୍ତି ଏବଂ ପରିବାର ଥିଲା ସମାଜର ମୌଳିକ ଏକକ । ପେସା ଭିତ୍ତିରେ ସମାଜର ବିଭାଜନ ଆରମ୍ଭ ହୋଇଥିଲା । କିନ୍ତୁ ଜାତି ବିଭାଜନ ନ ଥିଲା ।

ଆଦି ବୈଦିକ ଶାସନତନ୍ତ୍ରରେ ଜନଜାତୀୟ ମୁଖିଆ ବା ରାଜନ୍ ଏବଂ ପୁରୋହିତଙ୍କ ସ୍ଥାନ ଥିଲା ମହତ୍ୱପୂର୍ଣ୍ଣ । ବିଭିନ୍ନ ଜନଜାତୀୟ ସମ୍ମେଳନ ମଧ୍ୟରୁ ସଭା ଓ ସମିତିର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ଆଦି ବୈଦିକ ବ୍ୟବସ୍ଥାରେ ସୁସ୍ପଷ୍ଟ ରାଜନୀତିକ ଅନୁକ୍ରମ ନ ଥିଲେ ସୁଦ୍ଧା ଜନଜାତୀୟ ଶାସନତନ୍ତ୍ର ପୂର୍ଣ୍ଣ ମାତ୍ରାରେ ସମତାବାଦୀ ନ ଥିଲା ।

ଆଦି ବୈଦିକ ଜନତା ବାୟୁ, ଜଳ, ବୃଷ୍ଟି ଆଦି ପ୍ରାକୃତିକ ଶକ୍ତିର ମୂର୍ତ୍ତ ସ୍ୱରୂପ କଳ୍ପନା କରି ଦେବତା ରୂପେ ସେମାନଙ୍କ ଉପାସନା କରୁଥିଲେ । ସେମାନେ କୌଣସି ଅମୂର୍ତ୍ତ ଦାର୍ଶନିକ ସିଦ୍ଧାନ୍ତ ମାଧ୍ୟମରେ ନୁହେ ଭୌତିକ ପ୍ରାପ୍ତି ପାଇଁ ଦେବତାଙ୍କ ଉପାସନା କରୁଥିଲେ । ବୈଦିକ ଧର୍ମରେ ଦିନକୁ ଦିନ ଯଜ୍ଞର ମହତ୍ୱରେ ବୃଦ୍ଧି ଘଟୁଥିଲା ।

ଆପଣ ମନେ ରଖିବା ଉଚିତ ଯେ ଏ ସମାଜ ସ୍ଥିର ନ ଥିଲା; ଥିଲା ଗତିଶୀଳ । ପ୍ରାୟ ଖ୍ରୀ.ପୂ. ୧୫୦୦ରୁ ଖ୍ରୀ.ପୂ. ୧୦୦୦ ମଧ୍ୟରେ ସମାଜ ନିରନ୍ତର ବିକଶିତ ହେଉଥିଲା ଏବଂ ଏହାର

ସଂରଚନାରେ ରୂପାନ୍ତର ଲାଗି ଆର୍ଥିକ, ସାମାଜିକ, ରାଜନୀତିକ ଓ ଧାର୍ମିକ କ୍ଷେତ୍ରରେ ନୂତନ ଉପାଦାନମାନ କ୍ରିୟାଶୀଳ ଥିଲା ।

## ୧୧.୧୦ ସୂଚକ ଶବ୍ଦାବଳୀ

**ବଳି:** ବିଜୟୀ ମୁଖିଆଙ୍କୁ ପରାଜିତ ଗୋଷ୍ଠୀ ଦ୍ୱାରା ଦିଆଯାଉ ଥିବା ଭେଟି ଓ ଉପହାର ।

**କୁଟୁମ୍ବ:** ଜନଜାତୀୟ ସମୁଦାୟରେ ଉପଲବ୍ଧ ବୃହତ୍ ପରିବାର ଗୋଷ୍ଠୀ ।

**ଯାଯାବର:** ନିର୍ଦ୍ଦିଷ୍ଟ ଗୃହ ନ ଥାଇ ସ୍ଥାନକୁ ସ୍ଥାନ ବୁଲୁଥିବା ଜନଜାତିର ସଦସ୍ୟ ।

**ପିତୃକୈନ୍ଦ୍ରିକ:** ପୁରୁଷ ପ୍ରାଧାନ୍ୟ ଥିବା ପରିବାର ବା ଜନଜାତି ।

**ଜଡ଼ାତ୍ମବାଦ:** ପ୍ରାକୃତିକ ବସ୍ତୁ ଓ ଘଟଣାରେ ଆତ୍ମାର ଆରୋପଣ ।

**ଅର୍ଦ୍ଧସୁସ୍ତ:** ସ୍ଥାୟୀ ଭାବେ ଗୋଟିଏ ବସତିରେ ନ ରହି ନୂତନ ବସତିକୁ ଯାଉଥିବା ଲୋକ ।

**ସ୍ଥାନାନ୍ତରଣ କୃଷି/ପୋଡୁଚାଷ:** ଚାଷ ଉଦ୍ଦେଶ୍ୟରେ ଅଳ୍ପ କାଳ ପାଇଁ ଗୋଟିଏ ଜମିର ଉପଯୋଗ ପରେ ଏହାକୁ ଛାଡ଼ି ନୂତନ ଜମି ବ୍ୟବହାର କରିବା ।

## ୧୧.୧୧ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** ଋକ୍, ସାମ, ଯଜୁଃ, ଅଥର୍ବ । ଋକ୍‌ବେଦ ।

**ପ୍ରଶ୍ନ ୨ର ଉତ୍ତର:** ପ୍ରତ୍ନତାତ୍ତ୍ୱିକ ଉତ୍ସ ସମୂହ ଆର୍ଯ୍ୟ ଆକ୍ରମଣ ବା ଦେଶାନ୍ତର ତତ୍ତ୍ୱକୁ ସମର୍ଥନ କରେ ନାହିଁ । ଆପଣଙ୍କ ଉତ୍ତରରେ ଆର୍ଯ୍ୟମାନଙ୍କ ଦ୍ୱାରା ହରପ୍ପା ସଭ୍ୟତାର ବିପୁଳ ବିଧ୍ୱଂସ, ପରବର୍ତ୍ତୀ ହରପ୍ପା ଓ ହରପ୍ପା ପରବର୍ତ୍ତୀ ତାମ୍ରପ୍ରସ୍ତର କାଳ ମଧ୍ୟରେ ସାଂସ୍କୃତିକ ବିଚ୍ଛିନ୍ନତା ଆଦି ବିରୋଧରେ ପ୍ରତ୍ନତତ୍ତ୍ୱବିଦମାନଙ୍କ ଯୁକ୍ତି ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଉପବିଭାଗ ୧୧.୪ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** (କ) ×,

(ଖ) ✓,

(ଗ) ✓,

(ଘ) ✗ ।

**ପ୍ରଗତି ପରୀକ୍ଷଣ-୨**

**ପ୍ରଶ୍ନ ୧ର ଉତ୍ତର:** ମୂଳତଃ ଗୋସମ୍ପଦ ଉପରେ ନିର୍ଭରଶୀଳ ଏକ ସମାଜ । କାରଣ କେତେକ ପାରିପାର୍ଶ୍ୱିକ ଓ ସାଂସ୍କୃତିକ ପ୍ରତିବନ୍ଧକ ହେତୁ ବୃହତ୍ ମାତ୍ରାରେ କୃଷି ସମ୍ଭବପର ନ ଥିଲା । ଉପବିଭାଗ ୧୧.୩ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ଆଦି ବୈଦିକ ସମାଜରେ ଗାଈ ଥିଲା ସମ୍ପଦର ମୌଳିକ ଉତ୍ସ । ଜୀବନର ବିଭିନ୍ନ କ୍ଷେତ୍ରରେ ଗାଈର ମହତ୍ୱ ସମ୍ବନ୍ଧରେ ଆପଣଙ୍କୁ ଲେଖିବାକୁ ହେବ । ଉପବିଭାଗ ୧୧.୩ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** ଆପଣଙ୍କ ଉତ୍ତରରେ ଏହା ଏକ ଜନଜାତୀୟ ସମାଜ ଥିଲା, ସମାଜ ଥିଲା ପିତୃକୈନ୍ଦ୍ରିକ, ସମାଜର ମୌଳିକ ଏକକ ଥିଲା ପରିବାର, ଜାତି ବିଭାଜନ ନ ଥିଲା ଆଦି ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଉପବିଭାଗ ୧୧.୬ ଦେଖନ୍ତୁ ।

**ପ୍ରଶ୍ନ ୪ର ଉତ୍ତର:** (କ) ଗୋପତି,

(ଖ) ଗାଈ,

(ଗ) ଯବ,

(ଘ) କୂଳ,

(ଙ) ଏକପତ୍ନୀ ବିବାହ ।

**ପ୍ରଗତି ପରୀକ୍ଷଣ-୩**

**ପ୍ରଶ୍ନ ୧ର ଉତ୍ତର:** ଆପଣଙ୍କ ଉତ୍ତରରେ ରାଜା ଥିଲେ ଜନଜାତିର ମୁଖ୍ୟ, ବାରଂବାର ଯୁଦ୍ଧ ତାଙ୍କ ମହତ୍ୱରେ ବୃଦ୍ଧି ଘଟାଇଥିଲା, ସେ ଥିଲେ ଜନଜାତିର ସୁରକ୍ଷାଦାତା, ତାଙ୍କ ପଦବୀ ସର୍ବଦା ଆନୁବଂଶିକ ନ ଥିଲା ଆଦି ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଉପବିଭାଗ ୧୧.୭ ଦେଖନ୍ତୁ ।

**ପ୍ରଶ୍ନ ୨ର ଉତ୍ତର:** ବୈଦିକ ଜନତା ପ୍ରକୃତିର ବିଭିନ୍ନ ଶକ୍ତିକୁ ଦେବତା ରୂପେ ଉପାସନା କରୁଥିଲେ, ଜାଦୁ କ୍ରିୟା ବିଧି ନୁହେ ଯଜ୍ଞ ଉପରେ ଗୁରୁତ୍ୱ ଆରୋପ କରାଯାଉ ଥିଲା, ଯଜ୍ଞର ଭିତ୍ତି ଥିଲା ଭୌତିକ

ପ୍ରାପ୍ତି ଇତ୍ୟାଦି ଆପଣଙ୍କ ଉତ୍ତରରେ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ବିସ୍ତୃତ ତଥ୍ୟ ପାଇଁ ଉପବିଭାଗ ୧୧.୮ ଦେଖନ୍ତୁ ।

**ପ୍ରଶ୍ନ ୩ର ଉତ୍ତର:** (କ) ×,
(ଖ) ×,
(ଗ) ✓,
(ଘ) ×,
(ଙ) ✓ ।

# ଦ୍ୱାଦଶ ଏକକ: ପରବର୍ତ୍ତୀ ବୈଦିକ ଯୁଗ: ସାମାଜିକ ବିଭାଜନ (ବର୍ଣ୍ଣ ଓ ଲିଙ୍ଗ), ଶାସନତନ୍ତ୍ର, ଧର୍ମ ଓ ସଂସ୍କୃତି

## ବିଷୟ ଗଠନ:


୧୨.୧ ପଠନର ଉଦ୍ଦେଶ୍ୟ

୧୨.୨ ଉପକ୍ରମ

୧୨.୩ ଉତ୍ସ ସମୂହ

- ୧୨.୩.୧ ସାହିତ୍ୟିକ ଉତ୍ସ
- ୧୨.୩.୨ ପ୍ରତ୍ନତାତ୍ତ୍ୱିକ ଉତ୍ସ

୧୨.୪ ଲୌହ ପ୍ରଯୁକ୍ତି ଓ ଏହାର ପ୍ରଭାବ

୧୨.୫ ଅର୍ଥବ୍ୟବସ୍ଥାର ସ୍ୱଭାବ

- ୧୨.୫.୧ ଚାରଣର ମହତ୍ୱ ହ୍ରାସ
- ୧୨.୫.୨ ଧର୍ମାନୁଷ୍ଠାନର କାର୍ଯ୍ୟବିଧିରେ ପରିବର୍ତ୍ତନ
- ୧୨.୫.୩ ଭୂମିର କ୍ରମବର୍ଦ୍ଧମାନ ମହତ୍ୱ

୧୨.୬ ଶାସନତନ୍ତ୍ର ଓ ସମାଜ

- ୧୨.୬.୧ ଶାସନତନ୍ତ୍ର
- ୧୨.୬.୨ ସମାଜ

୧୨.୭ ଧର୍ମ

- ୧୨.୭.୧ ପୌରୋହିତ୍ୟ କଳା
- ୧୨.୭.୨ ପରିବର୍ତ୍ତିତ ଦେବକୁଳ
- ୧୨.୭.୩ ଲୋକ ପରମ୍ପରା

୧୨.୮ ସାରାଂଶ

୧୨.୯ ସୂଚକ ଶବ୍ଦାବଳୀ

୧୨.୧୦ ପ୍ରଗତି ପରିମାପକ ଉତ୍ତର

## ୧୨.୧ ପଠନର ଉଦ୍ଦେଶ୍ୟ

ଏଇ ଏକକ ପଢ଼ିବା ପରେ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିବାକୁ ସମର୍ଥ ହୋଇପାରିବେ-

- ❖ ପରବର୍ତ୍ତୀ ବୈଦିକ ସମାଜର ଅଧ୍ୟୟନରେ ସହାୟକ ଉତ୍ସ ସମୂହ
- ❖ ପରବର୍ତ୍ତୀ ବୈଦିକ କାଳରେ ସାମାଜିକ, ରାଜନୀତିକ, ଆର୍ଥିକ ଏବଂ ଧାର୍ମିକ ସଂରଚନାରେ ଘଟିଥିବା ପରିବର୍ତ୍ତନ ଏବଂ
- ❖ ଏକ ନୂତନ ଧାତୁ ଲୌହର ପ୍ରବର୍ତ୍ତନ ସହ ଘଟିଥିବା ପ୍ରଯୁକ୍ତିଗତ ପରିବର୍ତ୍ତନର ଆର୍ଥନୀତିକ ଓ ସାମାଜିକ ତାତ୍ପର୍ଯ୍ୟ

## ୧୨.୨ ଉପକ୍ରମ

ବର୍ତ୍ତମାନ ଆପଣ ଅଧ୍ୟୟନ କରିବାକୁ ଯାଉଥିବା କାଳଟି ପ୍ରାୟତଃ ଖ୍ରୀ.ପୂ. ୧୦୦୦ରୁ ଖ୍ରୀ.ପୂ. ୬୦୦ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଏଇ ସମୟରେ କେତେକ ବୈଦିକ ଜନଜାତି 'ସପ୍ତସିନ୍ଧବ' ଅଞ୍ଚଳରୁ ଉପର ଗଙ୍ଗା ଉପତ୍ୟକା ଏବଂ ଅନ୍ୟ ସନ୍ନିହିତ ଅଞ୍ଚଳକୁ ଘୁଞ୍ଚି ଆସିଲେଣି ।

ଏଇ ସ୍ଥାନାନ୍ତରଣ କାଳରେ ସେମାନଙ୍କ ସାମାଜିକ, ରାଜନୀତିକ, ଆର୍ଥନୀତିକ ଓ ଧାର୍ମିକ ସଂରଚନାରେ ବହୁ ପରିବର୍ତ୍ତନ ଘଟିଥିଲା । ଏଇ ଏକକରେ ଆମେ ଏ ପରିବର୍ତ୍ତନର ପ୍ରଧାନ ଦିଗମାନ ଆଲୋଚନା କରିବା ।

## ୧୨.୩ ଉତ୍ସ ସମୂହ

ଏଇ ସମୟର ଅଧ୍ୟୟନ ପାଇଁ ଆମ ପାଖରେ ଉଭୟ ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ ଉତ୍ସ ଉପଲବ୍ଧ ।

### ୧୨.୩.୧ ସାହିତ୍ୟିକ ଉତ୍ସ

ଋକ୍‌ବେଦ ସଂହିତାରେ କରାଯାଇ ଥିବା ପରବର୍ତ୍ତୀ ସଂଯୋଗ ବିଶେଷତଃ ୧୦ମ ମଣ୍ଡଳ, ସାମ, ଯଜୁଃ ଓ ଅଥର୍ବ ବେଦ ସଂହିତାଗୁଡ଼ିକୁ ପରବର୍ତ୍ତୀ ବୈଦିକ ପର୍ଯ୍ୟାୟରେ ଅବସ୍ଥାପିତ କରାଯାଇଛି ।

୧. ସାମ ବେଦ ସଂହିତା ସ୍ପଷ୍ଟତଃ ଯଜ୍ଞ କାଳରେ ଗାନ ପାଇଁ ଉଦ୍ଦିଷ୍ଟ ଋକ୍‌ବେଦରୁ ଆବଶ୍ୟକ ପରିବର୍ତ୍ତନ ସହ ଗୃହୀତ ସ୍ତୁତି ଓ ସ୍ତବମାନଙ୍କ ଏକ ଗ୍ରନ୍ଥ ।

୨. ଯଜୁର୍ବେଦରେ ସୂକ୍ତମାନଙ୍କ ଆବୃତ୍ତି ସହ ସମ୍ବନ୍ଧ ଧର୍ମାନୁଷ୍ଠାନଗୁଡ଼ିକର ସବିସ୍ତାର କଥନ ରହିଛି । ଏ ସଂହିତାର ଧର୍ମାନୁଷ୍ଠାନ ଓ ସୂକ୍ତ ସମୂହ ସେ ସମୟର ସାମାଜିକ ଓ ରାଜନୀତିକ ବାତାବରଣର ଦଲିଲ ।

୩. ଅଥର୍ବ ବେଦ ସେ ସମୟର ଲୋକ ପରମ୍ପରା ଓ ଲୌକିକ ଧର୍ମର ପ୍ରତିନିଧି । ସାଧାରଣ ଜନତାଙ୍କ ସାମାଜିକ-ଧାର୍ମିକ ସ୍ଥିତି ଜାଣିବା ପାଇଁ ଏହା ଏକ ପ୍ରକୃଷ୍ଟ ଉତ୍ସ ।

ଏ ସଂହିତାଗୁଡ଼ିକର ପରବର୍ତ୍ତୀ କାଳରେ ରଚିତ ଗ୍ରନ୍ଥ ଶ୍ରେଣୀ ହେଉଛି ବ୍ରାହ୍ମଣ । ଏଗୁଡ଼ିକ ବେଦର ବ୍ୟାଖ୍ୟା । ଏମାନେ ଧର୍ମାନୁଷ୍ଠାନ ସମୂହର ସାମାଜିକ ଓ ଧାର୍ମିକ ଦିଗ ବିଶ୍ଳେଷଣ ସଙ୍ଗକୁ ବୈଦିକ ସମାଜ ଉପରେ ଆଲୋକ ସମ୍ପାତ କରନ୍ତି । ପ୍ରାଚୀନ ଭାରତୀୟ ଇତିହାସରେ କୌଣସି ସମୟକୁ 'ମହାକାବ୍ୟ' କାଳ କହିବା ପ୍ରମାଦପୂର୍ଣ୍ଣ ହେଲେ ସୁଦ୍ଧା ଦୁଇ ସଂସ୍କୃତ ମହାକାବ୍ୟ ରାମାୟଣ ଓ ମହାଭାରତ ପ୍ରାଚୀନ ଭାରତୀୟ ସମାଜର ବିଭିନ୍ନ ଦିଗ ସମ୍ବନ୍ଧିତ ସୂଚନାରେ ଭରପୂର । ଐତିହାସିକମାନଙ୍କ ବିଶ୍ୱାସରେ ଏ ଦୁଇ ମହାକାବ୍ୟର ମୂଳପିଣ୍ଡ ପରବର୍ତ୍ତୀ ବୈଦିକ ପର୍ଯ୍ୟାୟରେ ଗଠିତ ହୋଇଥିଲା । ଅପର ଅଞ୍ଚଳର ଉଲ୍ଲେଖ ସତ୍ତ୍ୱେ ଏ ପର୍ଯ୍ୟାୟର ଭୌଗୋଳିକ କେନ୍ଦ୍ରବିନ୍ଦୁ ଥିଲା ଉପର ଓ ମଧ୍ୟ ଗଙ୍ଗା ଅବବାହିକା । ମହାକାବ୍ୟଗୁଡ଼ିକର ପ୍ରମୁଖ ଘଟଣା ମଧ୍ୟ ଏ ଅଞ୍ଚଳରେ ସଂଘଟିତ ହୋଇଛି । ତେବେ ଆମେ ମନେରଖିବା ଉଚିତ ଯେ ମହାକାବ୍ୟଗୁଡ଼ିକରେ ବର୍ଣ୍ଣିତ କାହାଣୀମାନ ବାସ୍ତବ ଐତିହାସିକ ଘଟଣା ବୋଲି କୌଣସି ପ୍ରମାଣ ନାହିଁ । ଦ୍ୱିତୀୟତଃ ଉଭୟ ମହାକାବ୍ୟ ବର୍ତ୍ତମାନର ସ୍ୱରୂପରେ ଉପନୀତ ହେବା ପାଇଁ ବହୁ ଶତାବ୍ଦୀ ଲାଗିଛି । ଅତଏବ ବହୁ ବିଧ ସମାଜର ସ୍ୱରୂପ ମହାକାବ୍ୟଗୁଡ଼ିକରେ ପ୍ରତିଫଳିତ ହୋଇଛି ।

### ୧୨.୩.୨ ପ୍ରତ୍ନତାତ୍ତ୍ୱିକ ଉତ୍ସ

ସାହିତ୍ୟିକ ଉତ୍ସ ସମୂହରେ ପଶ୍ଚିମ ଉତ୍ତରପ୍ରଦେଶ, ହରିୟାଣା ଓ ରାଜସ୍ଥାନର ପୌନପୌନିକ ଉଲ୍ଲେଖ ରହିଛି । ପରବର୍ତ୍ତୀ ବୈଦିକ ପର୍ଯ୍ୟାୟର କାଳ ଖ୍ରୀ.ପୂ. ୧୦୦୦ରୁ ଖ୍ରୀ.ପୂ. ୬୦୦ ବୋଲି ନିରୂପିତ ହୋଇଛି । ଗ୍ରନ୍ଥଗୁଡ଼ିକରେ ବିଭିନ୍ନ ସମୁଦାୟ ଓ ସାଂସ୍କୃତିକ ଗୋଷ୍ଠୀର ଉଲ୍ଲେଖ ରହିଛି । ଅତଏବ ନିର୍ଦ୍ଦିଷ୍ଟ ମୃତ୍‌ପାତ୍ରକୁ କୌଣସି ଜନଜାତି ଅଥବା ଗୋଷ୍ଠୀ ସହ ସନାକ୍ତ କରାଯାଇ ପାରିବ ନାହିଁ । ତେବେ ସମାନ ଭୌଗୋଳିକ ଅଞ୍ଚଳରେ ପ୍ରାୟ ସେଇ ସମୟରେ କେତେକ କୃଷି ସମୁଦାୟର ଅଭିବୃଦ୍ଧି ଘଟିଥିଲା । ଏଇ ସମୁଦାୟମାନେ ଚିତ୍ରିତ ଧୂସର ମୃତ୍‌ପାତ୍ର*(PGW)* ନାମକ ଏକ ନିର୍ଦ୍ଦିଷ୍ଟ ଧରଣର ମୃତ୍‌ପାତ୍ର ବ୍ୟବହାର କରୁଥିଲେ । ଅତଏବ ଏଇ ପ୍ରତ୍ନତାତ୍ତ୍ୱିକ ଅବଶେଷମାନ ପରବର୍ତ୍ତୀ ବୈଦିକ ସମାଜର ଭୌତିକ ପରିସ୍ଥିତି ପ୍ରତିଫଳିତ କରୁଥାଇ ପାରନ୍ତି ।

ଉପର ଗଙ୍ଗା ଅବବାହିକାରେ ୭୦୦ରୁ ଅଧିକ ଚିତ୍ରିତ ଧୂସର ମୃତ୍‌ପାତ୍ର ସ୍ଥଳ ଆବିଷ୍କୃତ ହୋଇଛି । ଏଗୁଡ଼ିକ ବହାୱଲପୁର ଓ ଉତ୍ତର ରାଜସ୍ଥାନରେ ଘଗ୍‌ଗର ନଦୀର ଶୁଷ୍କ ଶଯ୍ୟାରୁ ଆରମ୍ଭ କରି ସିନ୍ଧୁ ଓ ଗଙ୍ଗାର ଜଳବିଭାଜିକା ଏବଂ ଗଙ୍ଗା-ଯମୁନା ଦୋଆବ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଶ୍ରାବସ୍ତି ସ୍ଥଳର ସୂଚନା ଅନୁସାରେ ଏ ମୃତ୍‌ପାତ୍ରର ପୂର୍ବ ସୀମା ଗଙ୍ଗାର ଉତ୍ତର ସମତଳରେ ସୀମିତ । କେତେକ ମହତ୍ୱ ସମ୍ପନ୍ନ ଚିତ୍ରିତ ଧୂସର ମୃତ୍‌ପାତ୍ର ସ୍ଥଳ ହେଉଛି ଅତ୍ରଞ୍ଜିଖେଡ଼ା, ଅହିଚ୍ଛତ୍ର, ନୋହ, ହସ୍ତିନାପୁର, କୁରୁକ୍ଷେତ୍ର, ଭଗବାନପୁରା ଓ ଜଖେଡ଼ା ।

ଖ୍ରୀ.ପୂ. ୨୦୦୦ରୁ ଖ୍ରୀ.ପୂ. ୧୪୦୦ ସମୟର ବୋଲି ନିରୂପିତ ହୋଇଥିବା ଦକ୍ଷିଣ ରାଜସ୍ଥାନର ବନାସ ସଂସ୍କୃତି ସମ୍ଭବତଃ ଖ୍ରୀ.ପୂ. ୮୦୦ ପାଖାପାଖି ବେଳକୁ ଗଙ୍ଗା ଉପତ୍ୟକାକୁ ସମ୍ପ୍ରସାରିତ ହୋଇଥିଲା । ଅତଏବ ଏଇ କୃଷ୍ଣ ଓ ରକ୍ତ ମୃତ୍‌ପାତ୍ର ଉପଯୋଗକାରୀମାନେ ମଧ୍ୟ ଆଲୋଚ୍ୟ କାଳ ସହ ସମ୍ବନ୍ଧିତ ହୋଇଥାଇ ପାରନ୍ତି । ସାହିତ୍ୟ କୃତିରେ ଉଲ୍ଲିଖିତ ହୋଇଥିଲେ ସୁଦ୍ଧା 'ବୈଦିକ ଆର୍ଯ୍ୟ'ମାନଙ୍କ ପୂର୍ବାଭିମୁଖୀ ସ୍ଥାନାନ୍ତରଣର କୌଣସି ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ନାହିଁ । କୌଣସି ସଂସ୍କୃତିର ମଧ୍ୟ ପୂର୍ବାଭିମୁଖୀ ସ୍ଥାନାନ୍ତରଣ ସପକ୍ଷରେ ପ୍ରତ୍ନତାତ୍ତ୍ୱିକ ଦଲିଲ ଉପଲବ୍ଧ ହୋଇ ନାହିଁ । ଅତଏବ ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ ଉତ୍ସର ସ୍ୱଭାବ ମଧ୍ୟରେ ପାର୍ଥକ୍ୟ ଢେର୍ ଅଧିକ । ତେବେ ପରବର୍ତ୍ତୀ ବୈଦିକ ସମାଜ ଏବଂ ପ୍ରତ୍ନତତ୍ତ୍ୱରେ ପ୍ରତିଫଳିତ ସମାଜ ମଧ୍ୟରେ ଗୋଟିଏ ସାଧାରଣ ବୈଶିଷ୍ଟ୍ୟ ହେଉଛି ଲୌହର ଉପଯୋଗ ।

ଅଧିକାଂଶ ଚିତ୍ରିତ ଧୂସର ମୃତ୍‌ପାତ୍ର ସ୍ଥଳରେ ଲୌହ ଦ୍ରବ୍ୟ ପ୍ରାପ୍ତି ଏକ ସାଧାରଣ ବୈଶିଷ୍ଟ୍ୟ । ଅତ୍ରଞ୍ଜିଖେଡ଼ା, ଯୋଧପୁରା ଓ ନୋହର ଅଙ୍ଗାରକ-୧୪ କାଳ ନିର୍ଦ୍ଧାରଣରୁ ସୂଚିତ ହୁଏ ଯେ ପ୍ରାୟ ଖ୍ରୀ.ପୂ. ୧୦୦୦-୮୦୦ ବେଳକୁ ଗାଙ୍ଗେୟ ସମତଳରେ ଲୌହର ପ୍ରବର୍ତ୍ତନ ହୋଇସାରି ଥିଲା ।

ଉତ୍ତରପ୍ରଦେଶ, ହିମାଚଳ ଓ ପଞ୍ଜାବ ଏବଂ ପରବର୍ତ୍ତୀ କାଳରେ ଦକ୍ଷିଣ ବିହାରରେ ଲୌହ ପିଣ୍ଡର ଉପଯୋଗ ଏକ ସ୍ୱଦେଶୀ ଘଟଣା । ଋକ୍‌ବେଦରେ ଉଲ୍ଲିଖିତ 'ଅୟସ' ଲୌହ ହୋଇଥାଇ ପାରେ । ତେବେ ପ୍ରତ୍ନତାତ୍ତ୍ୱିକ ସାକ୍ଷ୍ୟ ଲୌହକୁ ପରବର୍ତ୍ତୀ ବୈଦିକ କାଳ ସହ ସମ୍ବନ୍ଧ କରାଏ । ସାହିତ୍ୟିକ ଉତ୍ସ ଏହାକୁ ଯଥେଷ୍ଟ ପରିପୁଷ୍ଟି ପ୍ରଦାନ କରେ । ଯଜୁର୍ବେଦରେ 'ଅୟସ' ସହ ଶ୍ୟାମ ବିଶେଷଣଟି ପ୍ରଯୁକ୍ତ ହୋଇଛି ଏବଂ ବ୍ରାହ୍ମଣଗ୍ରନ୍ଥରେ କୃଷ୍ଣ ଅୟସର ବର୍ଣ୍ଣନା ରହିଛି । ଉଭୟ ଶବ୍ଦ ଏକ କୃଷ୍ଣ ଧାତୁକୁ ବୁଝାଏ ଯାହାର ଅର୍ଥ ହେଉଛି ଲୌହ ।

ଅଦ୍ୟତନ ଉତ୍‌ଖନନରୁ ସୂଚିତ ହୁଏ ଯେ ଦକ୍ଷିଣ ଭାରତର ମହାପାଷାଣ ଜନତା ମଧ୍ୟ ଲୌହ ପ୍ରଯୁକ୍ତି ସହ ସୁପରିଚିତ ଥିଲେ । ଅତଏବ ଦେଶାନ୍ତରୀ ଆର୍ଯ୍ୟମାନେ ଭାରତୀୟ ଉପମହାଦେଶରେ ଲୌହ ପ୍ରଯୁକ୍ତି ପ୍ରବର୍ତ୍ତନ କରିଥିଲେ ବୋଲି କୁହାଯିବା ଏଣିକି ଆଉ ସମୀଚୀନ ନୁହେ ।

## ୧୨.୪ ଲୌହ ପ୍ରଯୁକ୍ତି ଓ ଏହାର ପ୍ରଭାବ

ଏଠାରେ ପ୍ରାସଙ୍ଗିକ ଏକ ମହତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି: ଲୌହ ସହ ପରିଚୟ ଏ କାଳର ଧାତୁ ପ୍ରଯୁକ୍ତିରେ କୌଣସି ଉତ୍କର୍ଷ ଆଣିଥିଲା କି? ଅନୁରୂପ ଭାବେ ଏକ ନୂତନ ପ୍ରଯୁକ୍ତିର ପ୍ରବର୍ତ୍ତନ ସମାଜର ଭୌତିକ ବାତାବରଣରେ କି ପରିବର୍ତ୍ତନର ସୂତ୍ରପାତ କରେ ଜାଣିବାକୁ କେହି ଆଗ୍ରହୀ ହୋଇ ପାରନ୍ତି ।

ପରବର୍ତ୍ତୀ ବୈଦିକ କାଳର ସାକ୍ଷ୍ୟରୁ ଏକ ଚାରଣ ସମାଜର ସୁସ୍ଥ କୃଷି ସମାଜରେ ଘଟାନ୍ତର ସୂଚିତ ହୁଏ । ସ୍ଥାୟୀ କୃଷି ଉଦ୍ଦେଶ୍ୟରେ ଜଙ୍ଗଲ ଓ ଗାଙ୍ଗେୟ ଦୋଆବ ପରିଷ୍କରଣ ନିମିତ୍ତ ଲୌହ ନିର୍ମିତ

କୋଟର କୁଠାରର ବ୍ୟାପକ ଉପଯୋଗ କରାଯାଉ ଥିବା ପୂର୍ବେ ସୂଚିତ ହୋଇଛି । ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ଲୌହାଗ୍ର ଯୁକ୍ତ ଲଙ୍ଗଳ ଓ କୋଦାଳ ଯୋଗୁଁ କୃଷି ସରଞ୍ଜାମର କାର୍ଯ୍ୟକୁଶଳତାରେ ବୃଦ୍ଧି ଘଟିଲା ଏବଂ ଏହା ଦ୍ୱାରା କୃଷି କାର୍ଯ୍ୟକଳାପ ଅଧିକ ତ୍ୱରାନ୍ୱିତ ହେଲା । ଅତଏବ ବିଦ୍ୱାନମାନେ ବିଶ୍ୱାସ କରନ୍ତି ଯେ କୃଷି ଅର୍ଥବ୍ୟବସ୍ଥାର ବିକାଶ ପାଇଁ ଲୌହ ପ୍ରଯୁକ୍ତି ଜ୍ଞାନ ଥିଲା ଏକ ମହତ୍ୱପୂର୍ଣ୍ଣ କାରକ । ତେବେ ଆମେ ସମ୍ପ୍ରତି ଜାଣିବାକୁ ପାଉ ଯେ ପରବର୍ତ୍ତୀ ବୈଦିକ କାଳ ସମ୍ପୂର୍ଣ୍ଣ କୃଷି ଭିତ୍ତିକ ନ ଥିଲା କି ଲୌହ ପ୍ରଯୁକ୍ତିରେ ଏହା ବିଶେଷ ଅଗ୍ରଗତି କରି ନ ଥିଲା । ବିହାରର ସମୃଦ୍ଧ ଲୌହ ଖଣି ସବୁ ଏତେବେଳକୁ କାମରେ ଲାଗି ନ ଥିଲା ଏବଂ ଲୌହ ପ୍ରଗଳନ ପ୍ରଯୁକ୍ତି ଆଦିମ ସ୍ତରରେ ରହିଥିଲା ।

ଉତ୍‌ଖନନରୁ ମିଳିଥିବା ଦ୍ରବ୍ୟ ସବୁ ହେଉଛି ଲୌହାଗ୍ର ଯୁକ୍ତ ଶରମୁନ, ବର୍ଚ୍ଛାମୁନ ଇତ୍ୟାଦି । ଅହିଚ୍ଛତ୍ରର ଉତ୍‌ଖନନରୁ ଏସବୁ ଅସ୍ତ୍ର ସର୍ବାଧିକ ମାତ୍ରାରେ ପ୍ରାପ୍ତ ହୋଇଛି । ଦାଆ, କୋଦାଳ, କୁଠାର ଆଦି କ୍ୱଚିତ୍ ମିଳିଛି । ଜଖେଡ଼ାରୁ ଏକ ଲଙ୍ଗଳ ମିଳିଛି । ଏହା ସମ୍ଭବତଃ ଏ କାଳର ଅନ୍ତିମ ପର୍ଯ୍ୟାୟର । ଅତଏବ ଉତ୍‌ଖନନରୁ ମନେହୁଏ ଯେ ଲୌହର ଉପଯୋଗ ଅସ୍ତ୍ର ନିର୍ମାଣରେ ସୀମିତ ଥିଲା । ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦୀର ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଗାଙ୍ଗେୟ ଉପତ୍ୟକାର ସନ୍ତସନ୍ତିଆ ଭୂମି ଓ ମୌସୁମୀ ଜଙ୍ଗଲର କ୍ରମ ପରିଷ୍କରଣ ପର୍ଯ୍ୟନ୍ତ ଲୌହ କୃଷି ପ୍ରଯୁକ୍ତିକୁ ପ୍ରଭାବିତ କରିପାରି ନ ଥିଲା ।

ପରବର୍ତ୍ତୀ ବୈଦିକ କାଳରେ ଉପର ଦୋଆବରେ ଜଙ୍ଗଲକୁ ଜାଳି ପରିଷ୍କାର କରାଗଲା । ଇନ୍ଦ୍ରପ୍ରସ୍ଥ ନଗର ପ୍ରତିଷ୍ଠା ପାଇଁ ଖାଣ୍ଡବ ବନ ଦହନ ମହାଭାରତରେ ବର୍ଣ୍ଣିତ ହୋଇଛି । ଏ ସମୟରେ ଲୌହାଗ୍ର ଯୁକ୍ତ ଅସ୍ତ୍ର ଏବଂ ଅଶ୍ୱ ଚାଳିତ ରଥ ସହାୟତାରେ ସାମରିକ କାର୍ଯ୍ୟକଳାପ ତୀବ୍ର ହେଲା । ମହାଭାରତରେ ଏହା ବିସ୍ତୃତ ରୂପେ ବିଧୃତ । ତେବେ ଜୀବନ ନିର୍ବାହ କ୍ରିୟାକଳାପରେ ଲୌହ ପ୍ରଯୁକ୍ତିର ବାସ୍ତବ ଭୂମିକା କିଛି ନ ଥିଲା ।

**ପ୍ରଗତି ପରୀକ୍ଷଣ-୧**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଠିକ(✓) ବକ୍ତବ୍ୟ ଚିହ୍ନଟ କରନ୍ତୁ ।

କ) ଆମେ ନିଶ୍ଚିତ ଭାବେ କହିପାରିବା ଯେ ବୈଦିକ ସମାଜ ପୂର୍ବଆଡ଼କୁ ଘୁଞ୍ଚି ଆସିଥିଲା ।

ଖ) ବୈଦିକ ସମାଜ ପୂର୍ବଆଡ଼କୁ ଘୁଞ୍ଚି ଆସିଥିଲା କହିବା ଅସମ୍ଭବ ।

ଗ) ଆମେ ଅନୁମାନ କରି ପାରିବା ଯେ ବୈଦିକ ସମାଜ ପୂର୍ବଆଡ଼କୁ ଘୁଞ୍ଚି ଆସିଥିଲା ।

ଘ) ଏ ମଧ୍ୟରୁ କୌଣସିଟି ନୁହେ ।

**ପ୍ରଶ୍ନ ୨.** ଠିକ(✓) ବକ୍ତବ୍ୟ ଚିହ୍ନଟ କରନ୍ତୁ ।

ଅଥର୍ବ ବେଦ ମାଧ୍ୟମରେ

କ) ଆମେ ପରବର୍ତ୍ତୀ ବୈଦିକ କାଳର ଲୋକ ପରମ୍ପରାକୁ ବୁଝି ପାରିବା ।

ଖ) ଆମେ ପରବର୍ତ୍ତୀ ବୈଦିକ ସମାଜର ଶିଷ୍ଟ ପରମ୍ପରାକୁ କେବଳ ବୁଝି ପାରିବା ।

ଗ) ଆମେ ସାଧାରଣ ଜନତାଙ୍କ ସାମାଜିକ-ଧାର୍ମିକ ପରିସ୍ଥିତି ବୁଝି ପାରିବା ।

ଘ) ଉଭୟ 'କ' ଓ 'ଖ' ।

**ପ୍ରଶ୍ନ ୩.** ଠିକ(✓) ବକ୍ତବ୍ୟ ଚିହ୍ନଟ କରନ୍ତୁ ।

ପରବର୍ତ୍ତୀ ବୈଦିକ ଯୁଗରେ

କ) କୃଷି ପାଇଁ ଲୌହ ପ୍ରଯୁକ୍ତି ଅନେକାଂଶରେ ବ୍ୟବହୃତ ହେଉଥିଲା ।

ଖ) ଯୁଦ୍ଧାସ୍ତ୍ର ପାଇଁ ଲୌହ ପ୍ରଯୁକ୍ତି ଅନେକାଂଶରେ ବ୍ୟବହୃତ ହେଉଥିଲା ।

ଗ) ଲୌହ ପ୍ରଯୁକ୍ତି ଆଦୌ ନ ଥିଲା ।

ଘ) ଇସ୍ପାତର ଅଧିକ ବ୍ୟବହାର ରହିଥିଲା ।

**ପ୍ରଶ୍ନ ୪.** ପରବର୍ତ୍ତୀ ବୈଦିକ ସମାଜ ଉପରେ ଲୌହ ପ୍ରଯୁକ୍ତିର ପ୍ରଭାବ ପଚାଶ ଶବ୍ଦରେ ଲେଖନ୍ତୁ ।

..........................................................................................

..........................................................................................

..........................................................................................

..........................................................................................

..........................................................................................

## ୧୨.୫ ଅର୍ଥବ୍ୟବସ୍ଥାର ସ୍ୱଭାବ

ଗଙ୍ଗା-ଯମୁନା ଦୋଆବ ଓ ମଧ୍ୟ ଗଙ୍ଗା ଉପତ୍ୟକାରେ ଉର୍ବର ପଟୁ ଜମିର ପ୍ରଚୁର ଉପଲବ୍ଧତା ଯୋଗୁଁ ପରବର୍ତ୍ତୀ ବୈଦିକ କାଳରେ କୃଷିର ଅଭିବୃଦ୍ଧି ସମ୍ଭବପର ହୋଇଥିଲା । ସମଗ୍ର ଖ୍ରୀ.ପୂ. ପ୍ରଥମ ସହସ୍ରାବ୍ଦୀରେ ଏ ଅଞ୍ଚଳରେ ଧୀରେ ଧୀରେ ବସତିମାନ ଗଢ଼ି ଉଠୁଥିଲା । ତେବେ ପରବର୍ତ୍ତୀ ବୈଦିକ ଗ୍ରନ୍ଥଗୁଡ଼ିକରେ ଚାରଣର ନିରନ୍ତର ମହତ୍ୱ ପ୍ରତିଫଳିତ ହୋଇଛି ।

ଉଭୟ ପ୍ରତ୍ନତାତ୍ତ୍ୱିକ ଓ ସାହିତ୍ୟିକ ଉତ୍ସରୁ ଜନତାଙ୍କ ମୁଖ୍ୟ ଖାଦ୍ୟ ରୂପେ ଚାଉଳର ପ୍ରବର୍ତ୍ତନ ଘଟିଥିବା ଜଣାଯାଏ । ଚିତ୍ରିତ ଧୂସର ମୃତ୍‌ପାତ୍ର ଓ ବନାସ ସଂସ୍କୃତି ସ୍ଥଳମାନଙ୍କର ଉତ୍‌ଖନନରୁ ପୋଡ଼ା ଧାନ ମିଳିଛି । ବୈଦିକ ଗ୍ରନ୍ଥରେ ଉଲ୍ଲିଖିତ ବ୍ରୀହି, ତଣ୍ଡୁଳ, ଶାଳି ଆଦି ଧାନ ବା ଚାଉଳକୁ ସୂଚାଏ । ଏ ସମୟରେ ଫସଲ ଚାଷ କରାଯାଉ ଥିବା ଏବଂ କ୍ଷେତରେ ଉଭୟ ଧାନ ଓ ଯବ ବୁଣାଯାଉ ଥିବା ଅନୁମାନ କରାଯାଏ । ଏ କାଳରେ ରାଜସୂୟ ଭଳି ବୃହତ୍ ଯଜ୍ଞମାନଙ୍କରେ ଦୁଗ୍ଧ, ଘୃତ, ପଶୁ ସଙ୍ଗକୁ ଶସ୍ୟ ବଳି ଦିଆଯାଉ ଥିଲା । ଭୌତିକ ଲାଭ ପାଇଁ ଅଥର୍ବ ବେଦରେ ନିର୍ଦ୍ଧାରିତ ଦ୍ୱାଦଶ ଯଜ୍ଞରେ ବ୍ରାହ୍ମଣଙ୍କୁ ଅନୁଶଂସିତ ଦାନ ମଧ୍ୟରେ ଗୋ, ବତ୍ସା, ବୃଷଭ, ସ୍ୱର୍ଣ୍ଣ, ପକ୍ୱ ତଣ୍ଡୁଳ, ଛପର ହୋଇଥିବା ଘର ଏବଂ ଉତ୍ତମ କର୍ଷିତ ଭୂମି ଅନ୍ତର୍ଭୁକ୍ତ । ବଳି ସାମଗ୍ରୀ ସ୍ୱଷ୍ଟତଃ ସୁସ୍ତ ବସତି ଓ କୃଷିର କ୍ରମବର୍ଦ୍ଧମାନ ମହତ୍ୱର ସୂଚକ । ପରବର୍ତ୍ତୀ ବୈଦିକ କୃତିମାନଙ୍କରେ ଆଠ, ବାର ଏପରିକି ଚବିଶି ବଳଦ ଯୋଚି ହଳ କରାଯାଉ ଥିବା ଉଲ୍ଲିଖିତ ହୋଇଛି । ଉଲ୍ଲିଖିତ ବଳଦ ସଂଖ୍ୟାର ସମ୍ଭାବିତ ପ୍ରତୀକାତ୍ମକତା ସତ୍ତ୍ୱେ ଏ ଉଲ୍ଲେଖରୁ ପରବର୍ତ୍ତୀ ବୈଦିକ କାଳରେ ହଳ ଦ୍ୱାରା କରାଯାଉ ଥିବା କୃଷି ସୁପରିଚିତ ଥିବା ସୂଚିତ ହୁଏ ।

### ୧୨.୫.୧ ଚାରଣର ମହତ୍ୱ ହ୍ରାସ

ଆଦି ବୈଦିକ ଯୁଗ ଭଳି ଚାରଣ ଆଉ ଜନତାଙ୍କ ଜୀବନ ନିର୍ବାହର ପ୍ରଧାନ ଅବଲମ୍ବନ ନ ଥିଲା । ଏ କାଳରେ ଜୀବିକାର ପ୍ରତିମାନ ଥିଲା କର୍ଷଣ ଓ ପଶୁପାଳନର ମିଶ୍ରିତ କୃଷି । ଏ ପର୍ଯ୍ୟାୟରେ କୃଷି କାର୍ଯ୍ୟକଳାପ ଶ୍ରମବହୁଳ ନ ଥିଲା । ଉତ୍‌ଖନନରୁ ଧାନ୍ୟାବଶେଷ ମିଳିଥିବା ସ୍ଥଳମାନ ଦୋଆବର ଭିପ ଅଞ୍ଚଳରେ ଅବସ୍ଥିତ । ଏଥିରୁ ସୂଚିତ ହୁଏ ଯେ ଶ୍ରମବହୁଳ ଆର୍ଦ୍ର ଧାନ ଚାଷ ତଥାପି ଆରମ୍ଭ ହୋଇ ନ ଥିଲା ।

ମିଶ୍ରିତ କୃଷି ଯୋଗୁଁ ସୁସ୍ତ ବସତି ସଂଖ୍ୟାରେ ବୃଦ୍ଧି ଘଟିଲା । ଚିତ୍ରିତ ଧୂସର ମୃତ୍ପାତ୍ରମାନ ସାଧାରଣତଃ ୨ରୁ ୩ ମିଟର ଗଭୀରରେ ମିଳିଥିବାରୁ ଜନତା ସମାନ ସ୍ଥଳରେ ଦୀର୍ଘ କାଳ ଧରି ବସବାସ କରୁଥିବା ସୂଚିତ ହୁଏ । ଭଜପୁରା ଓ ଜଖେଡ଼ାର ଉତ୍ଖନନରୁ ଦର୍ଶିତ ହୁଏ ଯେ ପୂର୍ବବର୍ତ୍ତୀ ପର୍ଯ୍ୟାୟର ଝାଟିମାଟି ଓ କାଷ୍ଠ ନିର୍ମିତ ବୃତ୍ତାକାର କୁଟୀରର ସ୍ଥାନ ଏ କାଳରେ ଅଧିକ ମଜବୁତ ମାଟି କାନ୍ଥ ଥିବା ଘର ନେଇ ସାରିଲାଣି । ଏଥିରୁ ସୁସ୍ତ ଜୀବନ ଶୈଳୀ ଆପଣାଇ ଥିବା କାରଣରୁ ଗୃହ ନିର୍ମାଣରେ ଦୀର୍ଘସ୍ଥାୟୀ ସାମଗ୍ରୀର ଉପଯୋଗ କରାଯାଉ ଥିବା ସ୍ୱଷ୍ଟ ହୁଏ ।

### ୧୨.୫.୨ ଧର୍ମାନୁଷ୍ଠାନର କାର୍ଯ୍ୟବିଧିରେ ପରିବର୍ତ୍ତନ

ଆଦି ବୈଦିକ ସମାଜରେ ଧର୍ମାନୁଷ୍ଠାନର ଉଦ୍ଦେଶ୍ୟ ଥିଲା ସମଗ୍ର ଜନଜାତିର କଲ୍ୟାଣ । ଅପର ଜନଜାତି ଉପରେ ବିଜୟ ଲାଭ, ଗୋସମ୍ପଦ ଓ ପୁତ୍ର ପ୍ରାପ୍ତି କାମନାରେ ଦେବତାଙ୍କ ଉପାସନା କରାଯାଉ ଥିଲା । ଏହା ମଧ୍ୟ ଥିଲା ସମ୍ପଦ ବଣ୍ଟନ ପାଇଁ ମୁଖିଆଙ୍କ ପକ୍ଷରେ ଏକ ଅବସର । କିନ୍ତୁ ପରବର୍ତ୍ତୀ ବୈଦିକ ସମାଜରେ ଧର୍ମାନୁଷ୍ଠାନର କାର୍ଯ୍ୟବିଧି ଗୂଢ଼ ପରିବର୍ତ୍ତନ ଦେଇ ଗତି କଲା । ଧର୍ମାନୁଷ୍ଠାନ ଅତ୍ୟନ୍ତ ଜଟିଳ ହୋଇଗଲା । ଏପରିକି ବର୍ଷ ବର୍ଷ ବ୍ୟାପୀ ଅନୁଷ୍ଠାନମାନ ମୁଣ୍ଡ ଟେକିଲା । ଅତଏବ ଧର୍ମାନୁଷ୍ଠାନ କେବଳ ସମ୍ପଦଶାଳୀଙ୍କ ପକ୍ଷରେ ସମ୍ଭବପର ହେଲା । ସମୂହ ଉତ୍ସାହ ହ୍ରାସ ପାଇଲା । ଜନଜାତିର ଅବଶିଷ୍ଟଙ୍କ ଉପରେ ନିୟନ୍ତ୍ରଣ ସୁନିଶ୍ଚିତ କରିବାକୁ ଧର୍ମାନୁଷ୍ଠାନ ଆୟୋଜିତ ହେଲା । ସମଗ୍ର ଜନଜାତିକୁ ଆଉ ଉପହାର ପ୍ରଦାନ କରାଗଲା ନାହିଁ । ମୁଖିଆ ତାଙ୍କ ପାଇଁ ଯଜ୍ଞାନୁଷ୍ଠାନକାରୀ ବ୍ରାହ୍ମଣଙ୍କୁ ଦାନ ଦେଲେ । ଯଜ୍ଞାନୁଷ୍ଠାନ ଏତେ ଜଟିଳ ଥିଲା ଯେ ଏଥିପାଇଁ ବିଶେଷଜ୍ଞ ବ୍ରାହ୍ମଣ ଆବଶ୍ୟକ ହେଲା । କାରଣ ଭୁଲ ମନ୍ତ୍ରୋଚ୍ଚାରଣ ଦ୍ୱାରା ଯଜ୍ଞକର୍ତ୍ତା ମହାବିଘ୍ନର ସମ୍ମୁଖୀନ ହେବାର ଭୟ ରହିଥିଲା । ଯଜ୍ଞାନୁଷ୍ଠାନ ଫଳରେ ମୁଖିଆଙ୍କୁ ଅତିମାନୁଷ ସାମର୍ଥ୍ୟ ପ୍ରାପ୍ତ ହେଉଥିବା ବିଶ୍ୱାସ କରାଯାଉ ଥିଲା । ଏହାର ଅର୍ଥ ମୁଖିଆ ଥିଲେ ଜନଜାତିର ଅବଶିଷ୍ଟଙ୍କ ଠାରୁ ଉତ୍କୃଷ୍ଟତର । ଏଇ ସେବା ପାଇଁ ସେ ତାଙ୍କ ସମ୍ପଦର ଏକ ବିଶାଳ ଅଂଶ ବ୍ରାହ୍ମଣ ପୁରୋହିତଙ୍କୁ ଦାନ କରୁଥିଲେ । ଏହିପରି ଧର୍ମାନୁଷ୍ଠାନ ମୁଖିଆ ଓ ବ୍ରାହ୍ମଣଙ୍କ ଭୌତିକ ତଥା ଆଧ୍ୟାତ୍ମିକ ଉତ୍କର୍ଷ ସୁନିଶ୍ଚିତ କରିବାର ଏକ ରଚନାତନ୍ତ୍ରରେ ପରିଣତ ହେଲା ।

### ୧୨.୫.୩ ଭୂମିର କ୍ରମବର୍ଦ୍ଧମାନ ମହତ୍ୱ

ପରିବାର ସଦସ୍ୟ, ଘରୋଇ ନୌକର ଓ ଦାସମାନଙ୍କ ଶ୍ରମ ନିୟୋଜନରେ ଜମି ଚାଷ କରାଯାଉ ଥିଲା । ଏ କାଳର ପ୍ରାରମ୍ଭରେ କୁଟୁମ୍ବ ବା ବିଶ୍ ଥିଲା ଜମିର ମାଲିକ । କୁଟୁମ୍ବର ମାଲିକାନା କ୍ରମେ ପାରିବାରିକ ମାଲିକାନାକୁ ପରିବର୍ତ୍ତିତ ହେଲା ଏବଂ ଗହପତି ସମ୍ପଦଶାଳୀ ବ୍ୟକ୍ତିରେ ପରିଣତ ହେଲେ । ବୈଶ୍ୟ(ମୂଳ ଅର୍ଥ ବିଶ୍‌ର ସଦସ୍ୟ)ମାନେ ଥିଲେ ସମାଜର ଉତ୍ପାଦକ ଶ୍ରେଣୀ । ସେମାନେ ଖାଦ୍ୟ ଉତ୍ପାଦନରେ ପ୍ରତ୍ୟକ୍ଷ ଅଂଶ ଗ୍ରହଣ କରୁ ନ ଥିବା ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କ ସମ୍ପଦ ଓ ଜୀବନ ନିର୍ବାହର ଉତ୍ସରେ ପରିଣତ ହେଲେ । ଭୂମିର ସୁରକ୍ଷା ଲାଗି କ୍ଷତ୍ରିୟଙ୍କୁ ଭେଟି ଏବଂ ନୈତିକ ଉତ୍‌ଥାନ ପାଇଁ ପୁରୋହିତଙ୍କୁ ଦାନ ଓ ଦକ୍ଷିଣା ପ୍ରଦାନ କରିବା ବୈଶ୍ୟମାନଙ୍କ ପକ୍ଷେ ଥିଲା ଅପରିହାର୍ଯ୍ୟ । ଗୃହସ୍ଥୀ ଅର୍ଥବ୍ୟବସ୍ଥାର ପରିଚାୟକ ବିଶ୍/ବୈଶ୍ୟ ଅର୍ଥବ୍ୟବସ୍ଥାର ପ୍ରଧାନ ଆଧାରରେ ପରିଣତ ହେଲେ । ଅଣଉତ୍ପାଦକ ଶ୍ରେଣୀଙ୍କୁ ଭେଟି ଓ ଦାନ ଜୀବନ ନିର୍ବାହ ସାମଗ୍ରୀର ବଣ୍ଟନରେ ସହାୟକ ହେଲା । ଏ କାଳରେ ଜମି ବିକ୍ରୟର କୌଣସି ଉଲ୍ଲେଖ ମିଳେ ନାହିଁ । ଅଧିକନ୍ତୁ ଭୂମିଦାନ ଉଦ୍ୟତ ଜଣେ ଶାସକ ବିଶ୍ୱକର୍ମ ଭୌବନଙ୍କୁ ପୃଥ୍ୱୀ ଭର୍ତ୍ସନା କରୁଥିବାର ବର୍ଣ୍ଣିତ ହୋଇଛି । ଏ ଗ୍ରନ୍ଥଗତ ଉଲ୍ଲେଖରୁ ଭୂମି ଉପରେ ସାମୁଦାୟିକ ମାଲିକାନା ସୂଚିତ ହୁଏ । ଏଥିରେ ପ୍ରଧାନ ଅଂଶଗ୍ରାହୀ ଅଧିକାର ଥିଲା ବିଶ୍‌ର ।

## ୧୨.୬ ଶାସନତନ୍ତ୍ର ଓ ସମାଜ

ପ୍ରମୁଖତଃ ଚାରଣରୁ ଏକ ମିଶ୍ରିତ କୃଷି ଅର୍ଥବ୍ୟବସ୍ଥାକୁ ଘଟାନ୍ତର ପରବର୍ତ୍ତୀ ବୈଦିକ ସମାଜ ଓ ଶାସନତନ୍ତ୍ରର ଚରିତ୍ରକୁ ବହୁ ମାତ୍ରାରେ ପ୍ରଭାବିତ କରିଥିଲା । ପରିବର୍ତ୍ତନର ମୁଖ୍ୟ ପ୍ରବୃତ୍ତି ଥିଲା ନିମ୍ନ ଭଳି:

୧. ଆଦି ବୈଦିକ ସମାଜର ଜନଜାତୀୟ ପରିଚିତି ଆଞ୍ଚଳିକ ପରିଚିତିକୁ ବାଟ ଛାଡ଼ିଦେଲା ଏବଂ ପରିଣାମରେ ମୁଖିଆତନ୍ତ୍ରର ପ୍ରକୃତିରେ ପରିବର୍ତ୍ତନ ଆସିଲା ।

୨. ଆଦି ବୈଦିକ କାଳରେ କୁଟୁମ୍ବ ମଧ୍ୟରେ ଆଭ୍ୟନ୍ତରୀଣ ସମ୍ବନ୍ଧ ଆଧାରରେ ଗଢ଼ି ଉଠିଥିବା ପ୍ରଧାନତଃ ସମତାବାଦୀ ସାମାଜିକ ସଂରଚନା ଅତ୍ୟନ୍ତ ଜଟିଳ ହୋଇଗଲା । ଅସମତା

ସମାଜର ସଙ୍କେତରେ ପରିଣତ ହେଲା । ଏପରିକି ଗୋଟିଏ କୁଟୁମ୍ବ ବିଭିନ୍ନ ଗୋଷ୍ଠୀରେ ବିଭକ୍ତ ହୋଇଗଲା । ସେଥିରୁ କେତେକର ସାମାଜିକ ସ୍ଥିତି ଉଚ୍ଚ ଥିବା ବେଳେ ଆଉ କେତେକର ନିମ୍ନ ଥିଲା ।

### ୧୨.୬.୧ ଶାସନତନ୍ତ୍ର

ଋକ୍‌ବେଦୀୟ କାଳରେ ଜନଜାତି ବା ଜନତା ଅର୍ଥରେ ଜନ ଶବ୍ଦଟି ବ୍ୟବହୃତ ହେଉଥିଲା । କିନ୍ତୁ ଆଲୋଚ୍ୟ ସମୟରେ ଜନପଦ ଅବଧାରଣାର ଅଭ୍ୟୁଦୟ ହେଲା । ଜନପଦର ଅର୍ଥ ଜନଜାତି ବାସ କରୁଥିବା ଅଞ୍ଚଳ । ପରବର୍ତ୍ତୀ ବୈଦିକ କୃତିମାନଙ୍କରେ ରାଷ୍ଟ୍ର ଶବ୍ଦଟି ମଧ୍ୟ ପ୍ରଥମ ଥର ପାଇଁ ବ୍ୟବହୃତ ହେଲା । ତେବେ ସ୍ପଷ୍ଟ ସୀମା ସଂଜ୍ଞାୟିତ ରାଷ୍ଟ୍ର ଅର୍ଥରେ ଏହାର ବ୍ୟବହାର ତଥାପି ଆରମ୍ଭ ହୋଇ ନ ଥିଲା ।

ଦୁଇ ପ୍ରମୁଖ ବୈଦିକ ଜନଜାତି ଭରତ ଓ ପୁରୁଙ୍କ ଏକୀକରଣରେ ଗଠିତ କୁରୁମାନେ ଗଙ୍ଗା-ଯମୁନା ଦୋଆବର ଉପର ଅଂଶ ଅଧିକାର କରିଥିବା ଗ୍ରନ୍ଥମାନଙ୍କରେ ଉଲ୍ଲିଖିତ ଅଛି । ଅନୁରୂପ ଭାବେ ପାଞ୍ଚାଳମାନେ ପାଞ୍ଚାଳଦେଶ ରୂପେ କଥିତ ଗଙ୍ଗା-ଯମୁନା ଦୋଆବର ମଧ୍ୟାଞ୍ଚଳ ଦଖଲ କରିଥିବା ଉଲ୍ଲେଖ କରାଯାଇଛି । ଏଥିରୁ ସୂଚିତ ହୁଏ ଯେ ଜନଜାତୀୟ ପରିଚିତି ଆଞ୍ଚଳିକ ପରିଚିତିରେ ବିଲୀନ ହୋଇଯାଉ ଥିଲା । ଏହା ମଧ୍ୟ କୁହାଯାଇଛି ଯେ କୁରୁ ଓ ପାଞ୍ଚାଳ ଏକତ୍ର ଉପର ଓ ମଧ୍ୟ ଗଙ୍ଗା-ଯମୁନା ଦୋଆବରେ ସମ୍ପୂର୍ଣ୍ଣ କର୍ତ୍ତୃତ୍ୱ ଜାହିର କରିଥିଲେ । ଜନ ଏବଂ ସେମାନେ ନିୟନ୍ତ୍ରଣ ହାସଲ କରିଥିବା ଅଞ୍ଚଳ ମଧ୍ୟରେ ସମ୍ବନ୍ଧର ଏ ପରିବର୍ତ୍ତନ ଖ୍ରୀ.ପୂ. ଷଷ୍ଠ ଶତାବ୍ଦୀ ବେଳକୁ ଜନପଦ ଓ ମହାଜନପଦ ଗଠନ ଦିଗରେ ସହାୟକ ହୋଇଥିଲା ।

***ଜନଜାତି ମୁଖିଆ ଓ ଯୋଦ୍ଧାଗଣ:***

ଜନଜାତି ଗୋଷ୍ଠୀମାନେ ନିର୍ଦ୍ଦିଷ୍ଟ ଅଞ୍ଚଳ ସହ ସଂପୃକ୍ତ ହେବା ଏବଂ ପରିଚିତି ହାସଲ କରିବା ଫଳରେ ଜନଜାତି ମୁଖିଆଙ୍କ ସ୍ଥିତି ଓ କାର୍ଯ୍ୟବିଧିରେ ପରିବର୍ତ୍ତନ ଘଟିଲା । ରାଜନ୍‌ଙ୍କ ସଂପୃକ୍ତି ଏଣିକି କେବଳ ଗୋସମ୍ପଦ ଉପରେ ଆକ୍ରମଣରେ ସୀମିତ ରହିଲା ନାହିଁ । ଜନଜାତି ବସତି ସ୍ଥାପନ କରିଥିବା ଅଞ୍ଚଳର

ସୁରକ୍ଷାକର୍ତ୍ତା ଭାବେ ମଧ୍ୟ ତାଙ୍କର ଅଭ୍ୟୁଦୟ ଘଟିଲା । ଋକ୍‌ବେଦୀୟ କାଳରେ ବଂଶବୃକ୍ଷରେ ଜ୍ୟେଷ୍ଠତ୍ୱ ହାସଲ କରିଥିବା ରାଜନ୍ୟ ଏବେ 'କ୍ଷତ୍ରିୟ'ରେ ପରିଣତ ହେଲେ । ଏ ଶବ୍ଦଟିର ଆକ୍ଷରିକ ଅର୍ଥ 'କ୍ଷେତ୍ର ଉପରେ ଯାହାର ଅଧିକାର' । କ୍ଷତ୍ରିୟ ଶ୍ରେଣୀର କ୍ଷମତାର ଆଧାର ଥିଲା ଜନଜାତି ଏବଂ ସେମାନେ ବସବାସ କରୁଥିବା ଅଞ୍ଚଳର ସୁରକ୍ଷାକର୍ତ୍ତା ଭାବେ ସେମାନଙ୍କ ଭୂମିକା । କ୍ଷତ୍ରିୟମାନଙ୍କ ଭୂମିକା ପ୍ରତିବଦଳରେ 'ବିଶ୍' ସେମାନଙ୍କୁ ଭେଟି ପ୍ରଦାନ କରିବା ଅପରିହାର୍ଯ୍ୟ ଥିଲା ଏବଂ ଅନୁଦିନ ବିଶ୍ କ୍ଷତ୍ରିୟମାନଙ୍କ କ୍ରମବର୍ଦ୍ଧମାନ ଅଧସ୍ତନରେ ପରିଣତ ହେଲା । ଏଣିକି ବଳି ଓ ଭାଗ ଇଚ୍ଛାଧୀନ ଭେଟି ନ ହୋଇ କ୍ରମେ ନିୟମିତ ଭେଟି ଓ କରର ରୂପ ଧାରଣ କଲା ।

### ଜନଜାତୀୟ ସମ୍ମେଳନ:

ଯୋଦ୍ଧା ଶ୍ରେଣୀ ବା କ୍ଷତ୍ରିୟମାନଙ୍କ ପରିବର୍ତ୍ତିତ ସ୍ଥିତି ଜନଜାତୀୟ ସମ୍ମେଳନମାନଙ୍କର ସ୍ୱଭାବ ପରିବର୍ତ୍ତନରେ ମଧ୍ୟ ପ୍ରତିଫଳିତ ହେଲା । ଏସମୟରେ ସମିତିଠାରୁ ସଭା ଅଧିକ ଗୁରୁତ୍ୱ ଲାଭ କଲା ।

ସଭାସ୍ଥିତ ରାଜାଙ୍କ ଉଲ୍ଲେଖରୁ ରାଜାଙ୍କ ଦାୟିତ୍ୱ ନିର୍ବାହରେ ସଭା ସହାୟତା କରୁଥିବା ସୂଚିତ ହୁଏ । ରାଜପଦର ଆଧାର କେବଳ ଜନ୍ମ ହୋଇ ନ ଥିଲେ ସୁଦ୍ଧା ରାଜ ମନୋନୟନ କ୍ଷତ୍ରିୟମାନଙ୍କ ମଧ୍ୟରେ ସୀମିତ ହୋଇଯାଇ ଥିଲା ।

### ରାଜାଙ୍କ ବୈଧତା:

ସୁପ୍ରତିଷ୍ଠ ଆନୁବଂଶିକ ଓ ଜ୍ୟେଷ୍ଠାଧିକାର ନୀତି ଅଭାବରୁ କର୍ତ୍ତୃତ୍ୱ ଜାହିର ପାଇଁ ଶାସକଙ୍କ ପକ୍ଷେ ଅଭିଷେକ ରୀତି ଅଧିକ ମହତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କଲା । ଅତଏବ ରାଜସୂୟ, ଅଶ୍ୱମେଧ ଓ ବାଜପେୟ ଭଳି ଔପଚାରିକ ଯଜ୍ଞ ଖୁବ୍ ଆଡ଼ମ୍ବରରେ ସମ୍ପନ୍ନ କରାଗଲା । ଋକ୍‌ବେଦୀୟ କାଳରେ ଅଶ୍ୱମେଧ ଯଜ୍ଞ ଥିଲା ଏକ ନଗଣ୍ୟ ଘଟଣା । କିନ୍ତୁ ଏ ସମୟରେ ଅପର ଅଞ୍ଚଳକୁ ପରାଭୂତ କରିବା ଏବଂ ବୈଦେଶିକ ଭୂମିରେ ଶାସକଙ୍କ କର୍ତ୍ତୃତ୍ୱକୁ ବୈଧତା ପ୍ରଦାନ କରିବା ପାଇଁ ଏହା ସମ୍ପନ୍ନ କରାଗଲା । ଶାସକଙ୍କ ସ୍ୱାସ୍ଥ୍ୟ କାମନା କରି ପ୍ରାର୍ଥନା କରିବା ଅପର ଯଜ୍ଞମାନଙ୍କର ଅନ୍ତର୍ଭୁକ୍ତ ଥିଲା । ନିଷ୍କର୍ଷତଃ ତିନୋଟିଯାକ ଯଜ୍ଞ ଥିଲା ଉତ୍କର୍ଷ ଓ କ୍ଷମତା ଘୋଷଣା ପାଇଁ ରାଜାଙ୍କ ଦ୍ୱାରା ସୁନିୟୋଜିତ ବୈଧୀକରଣ ପଦ୍ଧତି । ଦୃଷ୍ଟାନ୍ତ ସ୍ୱରୂପ ରାଜସୂୟ ଯଜ୍ଞ ସମ୍ପାଦନ କାଳରେ ଜଣକୁ ରାଜା ଘୋଷଣା

କରାଯାଉ ଥିଲା । ପରବର୍ତ୍ତୀ କାଳରେ ନୂତନ ରାଜ୍ୟ ଓ ସମ୍ରାଟଙ୍କ ଅଭ୍ୟୁଦୟ ବେଳେ ମଧ୍ୟ ଏ ଯଜ୍ଞାନୁଷ୍ଠାନଗୁଡ଼ିକର ପ୍ରାସଙ୍ଗିକତା ରହିଥିଲା । କ୍ଷମତାକୁ ଧାର୍ମିକ ବୈଧତା ପ୍ରଦାନ ପାଇଁ ଯଜ୍ଞର ଉପଯୋଗ କରାଯାଉ ଥିଲା ।

ରାଜାଙ୍କୁ ସଂସାଧନ, ଆର୍ଥିକ ଉତ୍ପାଦନ ଓ ବଣ୍ଟନ ଦ୍ୱାରା ନିଜ ଅଞ୍ଚଳକୁ ପୂର୍ଣ୍ଣାଙ୍ଗ କରିବାକୁ ପଡୁଥିଲା । ଏହା ଫଳରେ ତାଙ୍କ ସ୍ଥିତି ଜଣେ ଆକ୍ରମଣକାରୀ ଅଥବା ଯୁଦ୍ଧର ସେନାପତି ଠାରୁ ବହୁ ଊର୍ଦ୍ଧ୍ୱକୁ ଉଠିଗଲା । ତଥାପି ସେ ସାର୍ବଭୌମ ହୋଇ ନ ଥିଲେ । କାରଣ ରାଜା ଥିଲେ କୁଟୁମ୍ବ ନିକଟରେ ଉତ୍ତରଦାୟୀ । କୁଟୁମ୍ବ ଦ୍ୱାରା ତାଙ୍କର ନିର୍ବାଚନ ଏବଂ ଆବଶ୍ୟକ ହେଲେ ବହିଷ୍କରଣ ଏକ ପ୍ରଚଣ୍ଡ ପ୍ରତିବନ୍ଧକ ରୂପେ କାର୍ଯ୍ୟ କରୁଥିଲା । ସେ ମଧ୍ୟ ଦାୟିତ୍ୱ ସମ୍ପାଦନରେ ସହାୟକ ଅପର ରାଜାମାନଙ୍କୁ ନିଯୁକ୍ତି ଦେଉ ନ ଥିଲେ । ସେମାନେ ନିଜ ନିଜ ଅଧିକାରରେ ଥିଲେ ମୁଖିଆ । ମହତ୍ୱପୂର୍ଣ୍ଣ ହେଉଛି ଯେ ଏ ସମୟରେ କ୍ଷତ୍ରିୟମାନେ ଏକ ସୁସ୍ପଷ୍ଟ ଉଚ୍ଚତର ସ୍ଥିତି ହାସଲ କରିଥିଲେ । ଆଞ୍ଚଳିକ ପରିଚିତି ଅବଧାରଣାର ପ୍ରତିଷ୍ଠା ଥିଲା ଏହାର କାରଣ । ଏହିପରି ଅଞ୍ଚଳ ଶାସକଙ୍କ ଶାସନ କ୍ଷମତାର ବାହ୍ୟ ପରିପ୍ରକାଶରେ ପରିଣତ ହେଲା ।

***ଜନଜାତୀୟ ସଂଘର୍ଷ:***

ଅନ୍ତର୍ଜନଜାତୀୟ କଳହ ଓ ଆନ୍ତଃଜନଜାତିକ ସଂଘର୍ଷର ସ୍ୱଭାବରେ ମଧ୍ୟ ପରିବର୍ତ୍ତନ ଆସିଲା । ଲଢ଼େଇ ଆଉ ଗୋସମ୍ପଦ ପାଇଁ ଟଣାଓଟରାରେ ସୀମିତ ନ ଥିଲା । ଏବେ ବିବାଦର ମହତ୍ୱପୂର୍ଣ୍ଣ ଉପାଦାନ ଥିଲା ଭୂମି ଅଧିକାର । ଜନଜାତିର ଜନସଂଖ୍ୟା ବୃଦ୍ଧି ସହ ଅଞ୍ଚଳ ଅଭିବୃଦ୍ଧିର ଆବଶ୍ୟକତା ଯୋଡ଼ିହୋଇ ରହିଥିଲା । ଲୌହ ନିର୍ମିତ ଅସ୍ତ୍ର ଓ ଅଶ୍ୱଚାଳିତ ହାଲୁକା ଚକ ଥିବା ରଥ ଯୋଦ୍ଧାମାନଙ୍କ ରଣକୁଶଳତା ବୃଦ୍ଧି କରିଥିଲା । ମହାଭାରତ କୁରୁ କୁଟୁମ୍ବର କୌରବ ଓ ପାଣ୍ଡବମାନଙ୍କ ମଧ୍ୟରେ ଅନ୍ତର୍ଜନଜାତୀୟ ଯୁଦ୍ଧର ଚିତ୍ର ବହନ କରେ ।

***ପୁରୋହିତ:***

ରାଜନ୍ୟ କ୍ଷତ୍ରିୟଙ୍କ ପ୍ରବର୍ଦ୍ଧମାନ ମହତ୍ୱ ସଙ୍ଗକୁ ବ୍ରାହ୍ମଣମାନଙ୍କର ମଧ୍ୟ ଗୁରୁତ୍ୱରେ ବୃଦ୍ଧି ଘଟିଲା । କାରଣ ଅଭିଷେକ ରୀତି ମାଧ୍ୟମରେ ସେମାନେ ରାଜପଦବୀକୁ ବୈଧ କରୁଥିଲେ । ଏଭଳି

ଅବସରରେ ଦାନ ଓ ଦକ୍ଷିଣା ମାଧ୍ୟମରେ ପ୍ରଧାନତଃ କ୍ଷତ୍ରିୟ ଯଜମାନଙ୍କ ଠାରୁ ବ୍ରାହ୍ମଣ ପୁରୋହିତଙ୍କ ନିକଟକୁ ସମ୍ପଦର ପୁନର୍ବଣ୍ଟନ ସାଧିତ ହେଉଥିଲା । ବିସ୍ତୃତ ଅଭିଷେକ ରୀତିରୁ ସୂଚିତ ହୁଏ ଯେ ପ୍ରାରମ୍ଭରେ ରାଜାଙ୍କ କ୍ଷମତା ଅତୀବ ସୁରକ୍ଷିତ ନ ଥିଲା ଏବଂ ସେଇଥି ପାଇଁ ତାଙ୍କୁ ଶାସନ ଦକ୍ଷତାର ପ୍ରମାଣ ପ୍ରଦାନ କରିବାକୁ ପଡୁଥିଲା । ପରବର୍ତ୍ତୀ କାଳରେ ସ୍ଥାନାପନ୍ନ ପୁରୋହିତଙ୍କ ସ୍ଥିତି ଦେବତାଙ୍କ ସହ ସମାନ ହୋଇଗଲା । ଅନୁଭବ କରାଗଲା ଯେ ଯଜ୍ଞ ଦ୍ୱାରା ଦେବତାଙ୍କୁ ପ୍ରସନ୍ନ ଏବଂ ଦାନ ଦ୍ୱାରା ବ୍ରାହ୍ମଣଙ୍କୁ ସଂତୃପ୍ତ କରିବାକୁ ହେବ । ଏହିପରି ପୁନର୍ବଣ୍ଟନ ସରଣୀ ଦୁଇ ଉଚ୍ଚ ମର୍ଯ୍ୟାଦାବନ୍ତ ଗୋଷ୍ଠୀ ମଧ୍ୟରେ ରହିଥିଲା ଏବଂ ରାଜନୀତିକ ଆଧିପତ୍ୟ ଧୀରେ ଧୀରେ କ୍ଷତ୍ରିୟଙ୍କ ଅଧିକାର କ୍ଷେତ୍ରରେ ପରିଣତ ହେଲା ।

**୧୨.୬.୨ ସମାଜ**

ବିଶ୍ୱର କ୍ରମକ୍ଷୟମାଣ ସ୍ଥିତି ଏବଂ କ୍ଷତ୍ରିୟ ଓ ବ୍ରାହ୍ମଣଙ୍କ ପ୍ରଭୁତ୍ୱ ସମ୍ବନ୍ଧରେ ଆମେ ଅଧ୍ୟୟନ କରିସାରିଛେ । ଏହିପରି ସମାଜ ଅସମ ଗୋଷ୍ଠୀକୁ ନେଇ ଗଠିତ ହୋଇଥିଲା ।

ଋକ୍‌ବେଦର ପରବର୍ତ୍ତୀ କାଳରେ ରଚିତ ଅଂଶରେ 'ପୁରୁଷ ସୂକ୍ତ' ରହିଛି । ଏଥିରେ ବିଶ୍ୱସ୍ରଷ୍ଟା ପ୍ରଜାପତିଙ୍କ ଶରୀରରୁ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଚାରି ବର୍ଣ୍ଣର ଉତ୍ପତ୍ତି ବର୍ଣ୍ଣିତ ହୋଇଛି । ପ୍ରଥମ ଥର ପାଇଁ ଚତୁର୍ବର୍ଣ୍ଣର ସୃଷ୍ଟି ଏ ସୂକ୍ତରେ ଦେଖିବାକୁ ମିଳେ:

ପୁରୁଷେ କଲେ କେତେ ଭାଗ । ମୁଖ ବାହୁରୁ କେ ସମ୍ଭବ ॥<br>
ଉରୁରୁ କେବା ଜାତ ହୋଇ । ପାଦ ତାହାର କେ ବୋଲାଇ ॥<br>
ବ୍ରାହ୍ମଣ ଅଟେ ତାର ମୁଖ । ରାଜନ୍ୟ ବାହୁ ଉରୁ ବୈଶ୍ୟ ॥<br>
ପାଦରୁ ଶୂଦ୍ରର ଜନମ । ଏକ ହୁଅଇ ତାରତମ ॥<br>
(ଯତ୍ ପୁରୁଷଂ ବ୍ୟଦଧୁଃ କତିଧା ବ୍ୟକଳ୍ପୟନ୍ ।<br>
ମୁଖଂ କିମସ୍ୟ କୌ ବାହୁ କା ଉରୁ ପାଦା ଉଚ୍ୟେତେ ॥୧୧॥<br>
ବ୍ରାହ୍ମଣୋଽସ୍ୟ ମୁଖମାସୀଦ୍ୱାହୂ ରାଜନ୍ୟଃ କୃତଃ ।<br>
ଉରୁ ତଦସ୍ୟ ଯଦ୍ୱୈଶ୍ୟଃ ପଦ୍‌ଭ୍ୟାଂ ଶୂଦ୍ରୋ ଅଜାୟତ ॥୧୨॥) –ମଣ୍ଡଳ୧୦,ଅନୁବାକ୍୭, ସୂକ୍ତ ୯୦ ॥

ଏ ସୂକ୍ତରେ ପ୍ରକ୍ଷେପିତ ପ୍ରତୀକାତ୍ମକ ଆଶୟ ଏହି ଯେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର ଗୋଟିଏ ସମାଜର ହିଁ ଅବୟବ । ତେବେ ସକଳ ଅବୟବର ସ୍ଥିତି ସମାନ ନୁହେ । ବ୍ରାହ୍ମଣ ମସ୍ତକ ସହ ତୁଳନୀୟ ହୋଇଥିବା ବେଳେ ଶୂଦ୍ରକୁ ପାଦ କୁହାଯାଇଛି । ସାମାଜିକ ଜୀବନରେ ବ୍ରାହ୍ମଣଙ୍କୁ ଉଚ୍ଚତମ ବର୍ଣ୍ଣ ବିବେଚନା କରାଯାଏ । କାରଣ କେବଳ ବ୍ରାହ୍ମଣଙ୍କ ସହାୟତାରେ ହିଁ ଦେବତାଙ୍କ ସହ ସମାଜର ଯୋଗାଯୋଗ ସମ୍ଭବପର । ଅପର ପକ୍ଷରେ ଶୂଦ୍ରମାନେ ଶାରୀରିକ କର୍ମ କରନ୍ତି ଏବଂ ଯୁଦ୍ଧଧୃତ ଦାସମାନେ ଏହାର ଅନ୍ତର୍ଭୁକ୍ତ ।

***ବର୍ଣ୍ଣ ଅବଧାରଣା:***

ବର୍ଣ୍ଣ ବ୍ୟବସ୍ଥାର ନିମ୍ନ ଲିଖିତ ବୈଶିଷ୍ଟ୍ୟ ରହିଛି:

୧. ଜନ୍ମଗତ ସାମାଜିକ ସ୍ଥିତି

୨. ବର୍ଣ୍ଣର ଆନୁକ୍ରମିକ ଶୃଙ୍ଖଳା ହେଉଛି- ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର । ଶୀର୍ଷ ଦେଶରେ ବ୍ରାହ୍ମଣ ଏବଂ ସର୍ବନିମ୍ନରେ ଶୂଦ୍ର ।

୩. ସ୍ୱବର୍ଣ୍ଣ ବିବାହ ବିଧି ଏବଂ ସଂସ୍କାରଗତ ଶୁଦ୍ଧତା

ବର୍ଣ୍ଣ ବ୍ୟବସ୍ଥା ଆଗକୁ ବୈଶ୍ୱିକ ବିଧି ଅବଧାରଣା ସହ ସହବଦ୍ଧ ଏବଂ ସମାଜର ସୁବ୍ୟବସ୍ଥିତ କାର୍ଯ୍ୟଶୀଳତା ନିମିତ୍ତ ଏକ ସାମାଜିକ ବିଧି ପ୍ରତିଷ୍ଠା ପାଇଁ ପ୍ରୟାସରତ । ତେବେ ପରବର୍ତ୍ତୀ ବୈଦିକ ସମାଜରେ ବର୍ଣ୍ଣ ଧର୍ମ ବ୍ୟବସ୍ଥାର ଯଥାର୍ଥ ବିକାଶ ଘଟି ନାହିଁ ।

ସାମାଜିକ ଗୋଷ୍ଠୀ ବିଭାଜନର ଆଧାର ଥିଲା କେବଳ ଜୀବିକା ଏବଂ ସମାଜ ଥିଲା ତଥାପି ନମନୀୟ । ଜୀବିକା ଜନ୍ମ ଉପରେ ନିର୍ଭରଶୀଳ ନ ଥିଲା ।

ଏପରିକି ପରବର୍ତ୍ତୀ ସମୟରେ ଅର୍ଥାତ୍ ବେଦୋତ୍ତର କାଳରେ ବର୍ଣ୍ଣ ଧର୍ମ ପ୍ରତ୍ୟେକ ଗୋଷ୍ଠୀର ଔପଚାରିକ ସ୍ଥିତି ବର୍ଣ୍ଣନା କରୁଥିଲା । ବର୍ଣ୍ଣ ବ୍ୟବସ୍ଥା କୌଣସି ଅଣକ୍ଷତ୍ରିୟଙ୍କୁ କ୍ଷତ୍ରିୟ ମର୍ଯ୍ୟାଦା ଦାବୀ କରିବା ଏବଂ ଶାସକ ହେବାରୁ ନିବୃତ୍ତ କରୁ ନ ଥିଲା । ନନ୍ଦ ଓ ମୌର୍ଯ୍ୟମାନେ ଏହାର ଦୃଷ୍ଟାନ୍ତ । ଏପରିକି ବ୍ରାହ୍ମଣମାନଙ୍କୁ ରାଜନୀତିକ ଆଧିପତ୍ୟ ଦାବୀ କରିବାରୁ ଏହା ବଞ୍ଚିତ କରୁ ନ ଥିଲା । ଯଥା-

ସୁଙ୍ଗ ବଂଶର ରାଜାଗଣ । ଏ ସମ୍ବନ୍ଧରେ ଆପଣ ପରବର୍ତ୍ତୀ ସମୟରେ ଅନ୍ୟ ବ୍ଲକ୍‌ରେ ଅଧିକ ଅଧ୍ୟୟନ କରିବାର ସୁଯୋଗ ପାଇବେ ।

ଏହିପରି ବର୍ଣ୍ଣ ବ୍ୟବସ୍ଥାର ତାତ୍ତ୍ୱିକ ଆଦର୍ଶ କେବେ ମଧ୍ୟ ବେଦୋତ୍ତର କାଳରେ କଠୋର ଭାବେ କାର୍ଯ୍ୟକାରୀ ହୋଇପାରି ନ ଥିଲା ।

ପରବର୍ତ୍ତୀ ବୈଦିକ କାଳରେ ଭୌଗୋଳିକ କେନ୍ଦ୍ରବିନ୍ଦୁର ପରିବର୍ତ୍ତନ ସହ ବୈଦିକ ଜନତା ଅନେକ ଅଣବୈଦିକ ଜନଜାତିଙ୍କ ସମ୍ମୁଖୀନ ହୋଇଥିବା ଏବଂ ଯଥେଷ୍ଟ ପାରସ୍ପରିକ ପ୍ରଭାବ ଏକ ଯୌଗିକ ସମାଜ ଗଠନରେ ସହାୟକ ହୋଇଥିବା ସମ୍ଭବପର । ନ୍ୟୂନାତିନ୍ୟୂନ ଅଥର୍ବ ବେଦରେ ପୁରୋହିତମାନଙ୍କ ଦ୍ୱାରା ଅନୁମୋଦିତ ଅନେକ ଅଣବୈଦିକ ଧାର୍ମିକ ଚଳଣିର ବର୍ଣ୍ଣନା ରହିଛି । ତେବେ କଠୋର ବିବାହ ବିଧି ମାଧ୍ୟମରେ ଜନଜାତିର ଶୁଦ୍ଧତା ରକ୍ଷା କରିବା ଥିଲା ଜନଜାତୀୟ ସବର୍ଣ୍ଣ ବିବାହର ଉଦ୍ଦେଶ୍ୟ । ସମାଜରେ ବ୍ରାହ୍ମଣ ଓ କ୍ଷତ୍ରିୟମାନଙ୍କ ପ୍ରବର୍ଦ୍ଧମାନ ମହତ୍ୱ ଅବଶିଷ୍ଟଙ୍କ ତୁଳନାରେ ସେମାନଙ୍କ ଅନନ୍ୟ ଉତ୍କୃଷ୍ଟ ଗୌରବ ରକ୍ଷା ପାଇଁ ଏହାକୁ ଅନିବାର୍ଯ୍ୟ କରିଦେଲା । ତେବେ ପରବର୍ତ୍ତୀ ବୈଦିକ କାଳରେ ବର୍ଣ୍ଣ ଅବଧାରଣା ସ୍ୱଭାବତଃ ଥିଲା ପ୍ରାଥମିକ । ଦୃଷ୍ଟାନ୍ତ ସ୍ୱରୂପ ଅସ୍ପୃଶ୍ୟତାବୋଧ ଆଦୌ ନ ଥିଲା ।

***ଗୋତ୍ର:***

ଗୋତ୍ର ଶବ୍ଦର ଆକ୍ଷରିକ ଅର୍ଥ ଗାଈଗୁହାଳ । ଆଲୋଚ୍ୟ କାଳରେ ଏହାର ପ୍ରଚଳନ ଘଟିଲା । ପୂର୍ବେ ଜନଜାତି ମଧ୍ୟରେ ବିବାହ ଅନୁଷ୍ଠିତ ହେଉଥିଲା । ଏଣିକି ଗୋତ୍ର ବାହାରେ ବିବାହ କରାଗଲା । ଗୋତ୍ରର ତାତ୍ପର୍ଯ୍ୟ ଜଣେ ସାଧାରଣ ପୂର୍ବଜଙ୍କ ଠାରୁ ଉତ୍ପତ୍ତି ଏବଂ ସମାନ ଗୋତ୍ରରେ ବିବାହ ବର୍ଜନୀୟ ।

***ପରିବାର:***

ପିତୃକୈନ୍ଦ୍ରିକ ପରିବାର ଥିଲା ସୁପ୍ରତିଷ୍ଠ ଏବଂ ଗୃହପତିଙ୍କର ସ୍ଥିତି ଥିଲା ସ୍ୱତନ୍ତ୍ର । ଯେହେତୁ ଗୃହସ୍ଥୀ ଅର୍ଥବ୍ୟବସ୍ଥା ପ୍ରାଧାନ୍ୟ ଲାଭ କରୁଥିଲା ଗୃହକର୍ତ୍ତାଙ୍କ ସ୍ଥିତି ମଧ୍ୟ ଆର୍ଥିକ ମହତ୍ୱ ଅର୍ଜନ କରୁଥିଲା । ଭୂମି

ଉପରେ ଅଧିକାରର ଆଧାର ଥିଲା ଉପଯୋଗ ଏବଂ ମାଲିକାନା ସାମୁଦାୟିକ । ଗୃହପତି ଥିଲେ ସମ୍ପଦଶାଳୀ ଏବଂ ଧାର୍ମିକ ଅନୁଷ୍ଠାନରେ ତାଙ୍କର ଭୂମିକା ଥିଲା ଯଜମାନ । ତାଙ୍କ ସମ୍ପଦ ଉପହାର ସୂତ୍ରରେ ଆସୁ ନ ଥିଲା; ନିଜ ପ୍ରଚେଷ୍ଟାରେ ଉତ୍ପନ୍ନ ହେଉଥିଲା । ପୁଣ୍ୟ ପ୍ରାପ୍ତି ପାଇଁ ତାଙ୍କୁ ଯଜ୍ଞ କରିବାକୁ ପଡୁଥିଲା । ଏହା ମାଧ୍ୟମରେ ତାଙ୍କ ସମ୍ପଦର ଏକ ଅଂଶ ବ୍ରାହ୍ମଣମାନଙ୍କ ପାଖକୁ ଚାଲିଯାଉ ଥିଲା । ନାରୀ ଋଷିଙ୍କ ଉପସ୍ଥିତି ଏବଂ ଅଭିଷେକ ଉତ୍ସବରେ କେତେକ ରାଣୀଙ୍କ ଅଂଶ ଗ୍ରହଣର ଉଲ୍ଲେଖ ସତ୍ତ୍ୱେ ମହିଳାମାନେ ପୁରୁଷଙ୍କ ଅଧସ୍ତନ ବିବେଚିତ ହେଉଥିଲେ ଏବଂ ପ୍ରମୁଖ ନିଷ୍ପତ୍ତି ଗ୍ରହଣରେ ସେମାନଙ୍କର ସଂପୃକ୍ତି ନ ଥିଲା ।

***ଜୀବନର ତିନି ପର୍ଯ୍ୟାୟ:***

ଜୀବନର ତିନି ପର୍ଯ୍ୟାୟକୁ ତିନି ଆଶ୍ରମ କୁହାଯାଉ ଥିଲା । ଏ ତିନୋଟି ପର୍ଯ୍ୟାୟ ଥିଲା ବ୍ରହ୍ମଚର୍ଯ୍ୟ, ଗାର୍ହସ୍ଥ୍ୟ ଏବଂ ବାନପ୍ରସ୍ଥ । ପ୍ରଥମଟି ଥିଲା ଛାତ୍ରାବସ୍ଥା । ଦ୍ୱିତୀୟଟି ଘର ସଂସାର କରି ଭୌତିକ ଜୀବନ ଯାପନ କରିବାର ପର୍ଯ୍ୟାୟ । ତୃତୀୟ ଆଶ୍ରମରେ ଗୃହସ୍ଥ ଜୀବନରୁ ଆଂଶିକ ଅବସର ନେଇ ଜଙ୍ଗଲରେ ବାସ କରିବାକୁ ହେଉଥିଲା । ଚତୁର୍ଥ ଆଶ୍ରମ ସନ୍ନ୍ୟାସ ବା ସକ୍ରିୟ ସାଂସାରିକ ଜୀବନରୁ ପୂର୍ଣ୍ଣ ଅବସର ଉପନିଷଦ ରଚନା କାଳ ପର୍ଯ୍ୟନ୍ତ ଅଜ୍ଞାତ ଥିବା ଅନୁମାନ କରାଯାଏ । ପରବର୍ତ୍ତୀ କାଳରେ ସନ୍ନ୍ୟାସୀମାନେ ବୈଦିକ ସାମାଜିକ ସଂରଚନା ବିରୋଧରେ ପରୋକ୍ଷ ଅଥବା ପ୍ରତ୍ୟକ୍ଷ ପ୍ରତିବାଦ କରିଥିଲେ ।

**ପ୍ରଗତି ପରୀକ୍ଷଣ-୨**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଠିକ($\checkmark$) ବକ୍ତବ୍ୟ ଚିହ୍ନଟ କରନ୍ତୁ ।

ପରବର୍ତ୍ତୀ ବୈଦିକ କାଳରେ

କ) ଚାରଣ ଜୀବିକା ନିର୍ବାହର ପ୍ରଧାନ ଅବଲମ୍ବନ ଥିଲା ବୋଲି କୁହାଯାଇ ପାରିବ ।

ଖ) ଚାରଣ ଓ କର୍ଷଣକୁ ଅଙ୍ଗୀଭୂତ କରିଥିବା ମିଶ୍ରିତ କୃଷି ଥିଲା ଜୀବିକା ନିର୍ବାହର ପ୍ରଧାନ ଅବଲମ୍ବନ ।

ଗ) କେବଳ ଶ୍ରମ ପ୍ରଧାନ କୃଷିର ପ୍ରଚଳନ ଥିଲା ।

ଘ) ଶିଳ୍ପ ଥିଲା ପ୍ରଧାନ କର୍ମ ।

**ପ୍ରଶ୍ନ ୨.** ଠିକ(✓) ବକ୍ତବ୍ୟ ଚିହ୍ନଟ କରନ୍ତୁ ।

ପରବର୍ତ୍ତୀ ବୈଦିକ କାଳରେ

କ) ସମାଜକୁ ସଂଗଠିତ କରିବାର ଏକମାତ୍ର ଆଧାର ଥିଲା ଜନଜାତି ।

ଖ) ଭୂମି ଅଧିକ ମହତ୍ୱପୂର୍ଣ୍ଣ ହୋଇଉଠିଲା ଏବଂ ଭୂମି ଉପରେ ଜନଜାତିର ମାଲିକାନା କ୍ରମଶଃ ପାରିବାରିକ ମାଲିକାନାରେ ପରିବର୍ତ୍ତିତ ହେଲା ।

ଗ) ଜମିର ମାଲିକାନା ଜନଜାତି ବାହାରେ ଥିଲା ।

ଘ) ଏ ମଧ୍ୟରୁ କୌଣସିଟି ନୁହେ ।

**ପ୍ରଶ୍ନ ୩.** ଠିକ(✓) ବକ୍ତବ୍ୟ ଚିହ୍ନଟ କରନ୍ତୁ ।

ପରବର୍ତ୍ତୀ ବୈଦିକ କାଳରେ

କ) ସମିତି ଠାରୁ ସଭା ମହତ୍ୱପୂର୍ଣ୍ଣ ହୋଇଉଠିଲା ।

ଖ) ସଭା ଠାରୁ ସମିତି ମହତ୍ୱପୂର୍ଣ୍ଣ ହୋଇଉଠିଲା ।

ଗ) ଉଭୟ ସଭା ଓ ସମିତିର ମହତ୍ୱ ହ୍ରାସ ପାଇଲା ।

ଘ) ଏ ମଧ୍ୟରୁ କୌଣସିଟି ନୁହେ ।

**ପ୍ରଶ୍ନ ୪.** ଠିକ(✓) ବକ୍ତବ୍ୟ ଚିହ୍ନଟ କରନ୍ତୁ ।

ପରବର୍ତ୍ତୀ ବୈଦିକ କାଳର ଜନତା

କ) ନିଜ ଗୋତ୍ରରେ ବିବାହ କରିବା ଆରମ୍ଭ କଲେ ।

ଖ) ଗୋତ୍ର ବାହାରେ ବିବାହ କଲେ ।

ଗ) ନିଜେ ଗୋତ୍ରରେ ବିବାହ କଲେ କି ନାହିଁ ସେ ନେଇ ଯତ୍ନଶୀଳ ନ ଥିଲେ ।

ଘ) ଏ ମଧ୍ୟରୁ କୌଣସିଟି ନୁହେ ।

**ପ୍ରଶ୍ନ ୫.** ପରବର୍ତ୍ତୀ ବୈଦିକ ପର୍ଯ୍ୟାୟରେ ପରିବାର କ'ଣ ଥିଲା ? ପ୍ରାୟ ପଚାଶ ଶବ୍ଦରେ ଉତ୍ତର ଲେଖନ୍ତୁ ।

.......................................................................................................

.......................................................................................................

.......................................................................................................

## ୧୨.୭ ଧର୍ମ

ଏ କାଳର ଗ୍ରନ୍ଥମାନଙ୍କରେ ଦୁଇ ଭିନ୍ନ ଧାର୍ମିକ ପରମ୍ପରାର ସୂଚନା ରହିଛି:

୧. ସାମବେଦ ଓ ଯଜୁର୍ବେଦ ସଂହିତା ତଥା ବ୍ରାହ୍ମଣ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ବୈଦିକ ଧର୍ମ ।

୨. ଅଥର୍ବ ବେଦରେ ବିସ୍ତୃତ ରୂପେ ବର୍ଣ୍ଣିତ ଅଣବୈଦିକ ଧର୍ମ ଅଥବା ଲୋକ ପରମ୍ପରା ।

ଅଥର୍ବ ଧାର୍ମିକ ପରମ୍ପରା ବୈଦିକ ଧର୍ମର ଅଂଶ ବିଶେଷ ବିବେଚିତ ହେବା ବସ୍ତୁତଃ ବୈଦିକ ଧାର୍ମିକ ବ୍ୟବସ୍ଥାରେ ବିଭିନ୍ନ ସଂସ୍କୃତି ଓ ବିଶ୍ୱାସର ସ୍ୱାଙ୍ଗୀକରଣର ସୂଚକ । ଯଜୁର୍ବେଦ ସଂହିତା ଓ ବ୍ରାହ୍ମଣମାନଙ୍କରେ ଏ କାଳର ଯାଜ୍ଞିକ ଧର୍ମ ବର୍ଣ୍ଣିତ । ଯଜ୍ଞ ଏ କାଳରେ ଅତୀବ ମହତ୍ୱପୂର୍ଣ୍ଣ ହୋଇଉଠିଲା ଏବଂ ଉଭୟ ବ୍ୟକ୍ତିଗତ ଓ ସାର୍ବଜନୀନ ଚରିତ୍ର ଗ୍ରହଣ କଲା । ରାଜସୂୟ, ବାଜପେୟ, ଅଶ୍ୱମେଧ ଆଦି ସାର୍ବଜନୀନ ଯଜ୍ଞ ବିପୁଳ ଆକାରରେ ଆୟୋଜିତ ହେଲା । ଏଥିରେ ସମଗ୍ର ସମୁଦାୟ ଅଂଶ ଗ୍ରହଣ କଲେ । ଏ ଯଜ୍ଞମାନଙ୍କରେ ସମ୍ପାଦିତ କେତେକ ରୀତିରେ ପ୍ରଜନନ ସଂସ୍କୃତିର ଉପାଦାନ ପ୍ରଦର୍ଶିତ ହୁଏ । ଉଦାହରଣ ସ୍ୱରୂପ ଅଶ୍ୱମେଧ ଯଜ୍ଞରେ ଯଜ୍ଞାଶ୍ୱ ପାର୍ଶ୍ୱରେ ପାଟରାଣୀ ଶୟନ କରିବା ଥିଲା ଅନିବାର୍ଯ୍ୟ । ରାଣୀ ଥିଲେ ପୃଥିବୀର ପ୍ରତିନିଧି ଏବଂ ଏଇ ରୀତି ରାଜାଙ୍କ ସୌଭାଗ୍ୟ ସୁନିଶ୍ଚିତ କରେ ବୋଲି ବିଶ୍ୱାସ କରାଯାଉ ଥିଲା । ରାଜସୂୟ ଓ ବାଜପେୟ ଯଜ୍ଞରେ ଅନେକ କୃଷି ରୀତି ସମ୍ପାଦିତ ହେଉଥିଲା । ପୃଥିବୀର ଉର୍ବରତା ଏବଂ ଏହାର ନିୟମିତ ରଜଶ୍ଚକ୍ର ଥିଲା ଔପଚାରିକ ଯଜ୍ଞର ଅନ୍ତର୍ଭୁକ୍ତ କେତୋଟି ପ୍ରକରଣ ।

### ୧୨.୭.୧ ପୌରୋହିତ୍ୟ କଳା

ପରବର୍ତ୍ତୀ ବୈଦିକ କୃତିମାନଙ୍କରୁ ଧାର୍ମିକ ଅନୁଷ୍ଠାନ ବ୍ୟାପକ ଓ ଜଟିଳ ହୋଇପଡ଼ିଥିବା ଜଣାଯାଏ । ଏସବୁ ସମ୍ପାଦନ କରିବା ପାଇଁ ଏଥିରେ ତାଲିମପ୍ରାପ୍ତ ପେସାଦାର ବ୍ୟକ୍ତିଙ୍କ ଆବଶ୍ୟକତା ତେଣୁ ଅନୁଭୂତ ହେଲା; ଯଜ୍ଞ ସମ୍ପାଦନ ବିଧି ପ୍ରଣୀତ ହେଲା । ବୈଦିକ ଯଜ୍ଞ ଆଉ ସାଦାସିଧା ଖାଦ୍ୟ ବଳି ଅଥବା ଅଗ୍ନିରେ ହବ୍ୟ ପ୍ରଦାନ ହୋଇ ରହି ନ ଥିଲା । ଯଜମାନଙ୍କ ଆବଶ୍ୟକତା ଅନୁସାରେ ବଳି ଓ ଯଜ୍ଞ ଆଦି ଭିନ୍ନ ଭିନ୍ନ ଧରଣର ହେଲା । ଯଜ୍ଞସବୁ ଗୂଢ଼ ପ୍ରତୀକବାଦରେ ପରିଣତ ହେଲା ଏବଂ

ପ୍ରତ୍ୟେକ ରୀତି ରହସ୍ୟମୟ ଶକ୍ତି ସମ୍ପନ୍ନ ହେଲା । ବ୍ୟକ୍ତିଗତ ହେଉ କି ସାର୍ବଜନୀନ ଯଜ୍ଞ ସମ୍ପାଦନରେ ଜଟିଳତା ହେତୁ ପୌରୋହିତ୍ୟ କଳାର ଏକ ନୂତନ ବିଜ୍ଞାନର ଅଭ୍ୟୁଦୟ ଘଟିଲା । ଏହିପରି ଯଜ୍ଞ ସମ୍ପାଦନ ବିଶେଷଜ୍ଞ ଏକ ପୁରୋହିତ ଶ୍ରେଣୀର ଉଦୟ ହେଲା । ଏପରିକି ଗୋଟିଏ ଯଜ୍ଞ ରୀତିର ଭିନ୍ନ ଭିନ୍ନ ପର୍ଯ୍ୟାୟ ସମ୍ପାଦନ ନିମିତ୍ତ ପୁରୋହିତମାନଙ୍କ ଭିନ୍ନ ଭିନ୍ନ ବର୍ଗ ରହିଥିଲେ ।

### ୧୨.୭.୨ ପରିବର୍ତ୍ତିତ ଦେବକୁଳ

ଦୁଇ ପ୍ରମୁଖ ଆଦି ବୈଦିକ ଦେବତା ଇନ୍ଦ୍ର ଓ ଅଗ୍ନି ସେମାନଙ୍କ ମହତ୍ୱ ହରାଇଲେ । ସୃଷ୍ଟିକର୍ତ୍ତା ପ୍ରଜାପତି ଗୁରୁତ୍ୱ ଲାଭ କଲେ । ଏଇ ଘଟଣା ମଧ୍ୟ ସୁସ୍ତବାଦର ମହତ୍ୱ ଉପସ୍ଥାପନ କରେ । କାରଣ କୃଷି ଗୋଷ୍ଠୀମାନଙ୍କରେ ସୃଷ୍ଟି ପୁରାକଳ୍ପ ମହତ୍ୱପୂର୍ଣ୍ଣ । ଋକ୍‌ବେଦର ଗୌଣ ଦେବତା ରୁଦ୍ର ଏ ସମୟରେ ଗୁରୁତ୍ୱ ପ୍ରାପ୍ତ ହେଲେ । ବ୍ରହ୍ମାଣ୍ଡର ସ୍ରଷ୍ଟା ଓ ପାଳକ ଭାବେ ବିଷ୍ଣୁଙ୍କ ପରିକଳ୍ପନା କରାଗଲା । ପୂର୍ବ କାଳରେ ଗୋସମ୍ପଦର ରକ୍ଷାକର୍ତ୍ତା ଥିବା ପୁଷାନ୍ ଏବେ ଶୂଦ୍ରମାନଙ୍କ ଦେବତାରେ ପରିଣତ ହେଲେ । ଦେବତାମାନଙ୍କ ସ୍ଥିତିରେ ପରିବର୍ତ୍ତନ ଚାରଣ ଗୋଷ୍ଠୀରୁ ସୁସ୍ତ କୃଷିକାରୀ ଗୋଷ୍ଠୀରେ ଜନଜାତିର ଚରିତ୍ର ପରବର୍ତ୍ତନର ସୂଚକ । ପ୍ରାକୃତିକ ଘଟଣାର ପ୍ରତିନିଧି ଆଦି ବୈଦିକ ଦେବତାମାନେ କ୍ରମେ ହଟିଗଲେ ଏବଂ ଦିବ୍ୟସତ୍ତା ରୂପେ ପ୍ରାକୃତିକ ଉପାଦାନର ସାକାରୀକରଣ ଅତ୍ୟନ୍ତ ଜଟିଳ ହୋଇଗଲା । ପରବର୍ତ୍ତୀ ବୈଦିକ କାଳର ସୂକ୍ତମାନଙ୍କରୁ ଏକ ନିର୍ଦ୍ଦିଷ୍ଟ ଦେବତା ପ୍ରତିନିଧିତ୍ୱ କରୁଥିବା ପ୍ରାକୃତିକ ଉପାଦାନର ଅନ୍ୱେଷଣ ଆଉ ସହଜସାଧ୍ୟ ହେଲା ନାହିଁ ।

### ୧୨.୭.୩ ଲୋକ ପରମ୍ପରା

ଅଥର୍ବ ବେଦ ଲୋକ ପରମ୍ପରା ସମ୍ପର୍କିତ ସୂଚନାର ଏକ ଖଣି । ଏହାର ବିଷୟବସ୍ତୁ ବୈଦିକ ଯଜ୍ଞ ଧର୍ମ ଠାରୁ ମୂଳତଃ ଭିନ୍ନ । ଏହା ଅଧିକ ମାତ୍ରାରେ ଜାଦୁ ସମ୍ବନ୍ଧିତ । ଏ ବେଦର ବିଷୟବସ୍ତୁ ମାନବ ଜୀବନର ବିଭିନ୍ନ ଦିଗର ସମାବେଶ । ଏହାର ସୂକ୍ତ ସବୁ ନିମ୍ନ ଲିଖିତ ବିଷୟ ଉପରେ ଆଧାରିତ:

୧. ରୋଗରୁ ଆରୋଗ୍ୟ

୨. ସ୍ୱାସ୍ଥ୍ୟ ନିମିତ୍ତ ସ୍ତବ

୩. ଗୃହ ଓ ସନ୍ତାନଙ୍କ ସମ୍ପନ୍ନତା ପାଇଁ ମନ୍ତ୍ର

୪. ଗୋସମ୍ପଦ ଓ କ୍ଷେତ

୫. ସମ୍ମୋହନ ମନ୍ତ୍ର

୬. ବିବାହ, ବଶୀକରଣ, ମାରଣ ଓ ବିଦ୍ୱେଷଣ ଆଦି ମନ୍ତ୍ର

ଅତଏବ ଅଥର୍ବ ବେଦ ପ୍ରଚଳିତ ବିବିଧ ପ୍ରକାର ବିଶ୍ୱାସ ଓ କୁସଂସ୍କାରର ଦଲିଲ । ଅଥର୍ବଣ ଶବ୍ଦ ଜାଦୁମନ୍ତ୍ରର ସୂଚକ ଏବଂ ଅଥର୍ବଣ ପୁରୋହିତ ଏ ଧର୍ମର ସ୍ଥାନାପନ୍ନ ଅନୁଷ୍ଠାନ ସମ୍ପାଦନ କର୍ତ୍ତା । ଏଥିରେ ବୈଦିକ ପରମ୍ପରାର ଦେବତାଙ୍କୁ ଆବାହନ କରାଯାଏ; କିନ୍ତୁ ତାଙ୍କ ଆବାହନର କାରଣ ତୁଚ୍ଛ ଓ ବ୍ୟକ୍ତିଗତ । ଉପକାରୀ ଓ ଅପକାରୀ ବହୁ କ୍ଷୁଦ୍ର ଦେବତା ଏବଂ ରାକ୍ଷସ, ପିଶାଚ ଆଦି ସତ୍ତାଙ୍କୁ ଯଥାକ୍ରମେ ଶତ୍ରୁ ଓ ମିତ୍ରଙ୍କ ସୌଭାଗ୍ୟ ଅଥବା ବିଧ୍ୱଂସ ଓ ଦୁର୍ବିପାକ ପାଇଁ ଆବାହନ କରାଯାଏ । ଆବାହନ ଓ ମନ୍ତ୍ର ସମୂହ ଗୃହ ଓ ଗୃହୀ ଜୀବନ ସହ ସମ୍ବନ୍ଧ ଏବଂ ସାଧାରଣ ମାନବ ଅସ୍ତିତ୍ୱର ଦୈନନ୍ଦିନ ଚକ୍ର ସହ ଘନିଷ୍ଠ ।

ଦୃଷ୍ଟାନ୍ତ ସ୍ୱରୂପ ଗୃହର ଚୌର୍ଯ୍ୟ ନିବାରଣ, ଶରୀରର ତାପ ନାଶନ ଅଥବା ବୃକ୍ ପିଶାଚର ନିଧନ ପାଇଁ ଇନ୍ଦ୍ରଙ୍କୁ ଆବାହନ କରାଯାଏ । କୃଷି ସୁରକ୍ଷା ଏବଂ ମୂଷିକ ନିବାରଣ ଦାୟିତ୍ୱ ଅର୍ବୀଙ୍କ ଉପରେ ନ୍ୟସ୍ତ ହୁଏ । ନୂତନ ଗୃହ ନିର୍ମାଣର ସ୍ଥାନ ନିରୂପଣ ପାଇଁ ସବିତୃଙ୍କୁ ଆହ୍ୱାନ କରାଯାଏ । ସୁରକ୍ଷିତ ପ୍ରସବ ଓ ମଧୁର ସମ୍ବନ୍ଧ ପାଇଁ ପୁଷାନ୍ ଏବଂ ପ୍ରେତ ନିର୍ମୂଳନ ପାଇଁ ସୂର୍ଯ୍ୟ ଆବାହିତ ହୁଅନ୍ତି ।

ଏ କାଳର ଅନ୍ତ ବେଳକୁ ପୁରୋହିତଙ୍କ ଆଧିପତ୍ୟ ଓ ଯଜ୍ଞର ଜଟିଳତା ବିରୋଧରେ ଏକ ଦୃଢ଼ ପ୍ରତିକ୍ରିୟାର ପରିଣତି ସ୍ୱରୂପ ଉପନିଷଦମାନଙ୍କରେ ସ୍ଥାନିତ ହୋଇଥିବା ଦାର୍ଶନିକ ସିଦ୍ଧାନ୍ତ ଜନ୍ମ ନେଲା । କର୍ମକାଣ୍ଡୀ ଚଳଣି ଓ ଯଜ୍ଞ ସହ ସଂଶ୍ଳିଷ୍ଟ ଅପବ୍ୟୟ ବିପରୀତରେ ଏହା ଆତ୍ମଜ୍ଞାନ ଉପରେ ଗୁରୁତ୍ୱ ଆରୋପ କଲା । ଧର୍ମର ଭୌତିକତାବାଦୀ ଦିଗ ଏହିପରି ପରିତ୍ୟକ୍ତ ହେଲା ଏବଂ ଏହା ଦାର୍ଶନିକ କ୍ଷେତ୍ରକୁ ଉନ୍ନୀତ ହେଲା । ଉପନିଷଦଗୁଡ଼ିକ ଆତ୍ମାର ଅମରତ୍ୱ ଓ ଅପରିବର୍ତ୍ତନୀୟତା ଉପରେ ଜୋର ଦେଇ ଜନପଦ ଓ ମହାଜନପଦ ଅର୍ଥାତ୍ ସାଧାରଣତନ୍ତ୍ର ଓ ରାଜତନ୍ତ୍ରର ଅଭ୍ୟୁଦୟ କାଳରେ ସ୍ଥାୟୀତ୍ୱ ଓ ଅଖଣ୍ଡତାର ଆବଶ୍ୟକତା ଉପରେ ଏକ ପ୍ରକାର ମହତ୍ୱ ଆରୋପ କଲେ ।

ଅତଏବ ଆଦି ବୈଦିକ ଓ ପରବର୍ତ୍ତୀ ବୈଦିକ କାଳ ମଧ୍ୟରେ ଧର୍ମ ବିଶ୍ୱାସ ଓ ଚଳଣିରେ ଏକ ବିପୁଳ ପରିବର୍ତ୍ତନ ଘଟିଥିବା ଆମେ ଲକ୍ଷ୍ୟ କଲେ । ଚାରଣରୁ କୃଷିକୁ ପରିବର୍ତ୍ତନ ସହ ଏହା ଆଂଶିକ ଭାବେ ସମ୍ବନ୍ଧ । ଏ କାଳର ଧାର୍ମିକ ପରିବର୍ତ୍ତନ ଆଦି ବୈଦିକରୁ ପରବର୍ତ୍ତୀ ବୈଦିକ ପର୍ଯ୍ୟାୟ ମଧ୍ୟରେ ଘଟିଥିବା ସାମାଜିକ-ରାଜନୀତିକ ଓ ଆର୍ଥିକ ପରିବର୍ତ୍ତନର ସମାନ୍ତର ଏବଂ ତା'ର ପ୍ରତିଫଳନ ।

**ପ୍ରଗତି ପରୀକ୍ଷଣ-୨**

ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖନ୍ତୁ ।

**ପ୍ରଶ୍ନ ୧.** ଠିକ(✓) ବକ୍ତବ୍ୟ ଚିହ୍ନଟ କରନ୍ତୁ ।

ପରବର୍ତ୍ତୀ ବୈଦିକ କାଳରେ

କ) ବ୍ୟକ୍ତିଗତ ଓ ସାର୍ବଜନୀନ ଯଜ୍ଞ ଅଧିକ ମହତ୍ୱପୂର୍ଣ୍ଣ ହୋଇଉଠିଲା ।

ଖ) ଯଜ୍ଞର କୌଣସି ଭୂମିକା ନ ଥିଲା ।

ଗ) ଯଜ୍ଞ ମହତ୍ୱପୂର୍ଣ୍ଣ ହୋଇଉଠିଲା କାରଣ ପୁରୋହିତମାନେ ଏକ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କଲେ ।

ଘ) ଉଭୟ (କ) ଓ (ଖ) ।

**ପ୍ରଶ୍ନ ୨.** ଠିକ(✓) ବକ୍ତବ୍ୟ ଚିହ୍ନଟ କରନ୍ତୁ ।

କୁହାଯାଇ ପାରିବ ଯେ

କ) ମହତ୍ୱପୂର୍ଣ୍ଣ ପରବର୍ତ୍ତୀ ବୈଦିକ ଓ ଆଦି ବୈଦିକ ଦେବତାମାନେ ସମାନ ଥିଲେ ।

ଖ) ମହତ୍ୱପୂର୍ଣ୍ଣ ପରବର୍ତ୍ତୀ ବୈଦିକ ଓ ଆଦି ବୈଦିକ ଦେବତାମାନେ ଭିନ୍ନ ଥିଲେ ।

ଗ) ପରବର୍ତ୍ତୀ ବୈଦିକ ଦେବତାମାନେ ଯାଯାବରରୁ ବ୍ୟବସ୍ଥିତ ସମାଜକୁ ଚାରିତ୍ରିକ ପରିବର୍ତ୍ତନର ପ୍ରତିଫଳନ ।

ଘ) ଉଭୟ (ଖ) ଓ (ଗ) ।

**ପ୍ରଶ୍ନ ୩.** ପରବର୍ତ୍ତୀ ବୈଦିକ ପର୍ଯ୍ୟାୟରେ ଦେବତାମାନଙ୍କ ସ୍ଥିତି ପରିବର୍ତ୍ତନ କ'ଣ ସୂଚାଏ ? ପ୍ରାୟ ପଚାଶ ଶବ୍ଦରେ ଉତ୍ତର ଲେଖନ୍ତୁ ।

.....................................................................................................

.....................................................................................................

| |
|---|
| ........................................................................................................ |
| ........................................................................................................ |
| ........................................................................................................ |

## ୧୨.୮ ସାରାଂଶ

ଏଇ ଏକକ ଅଧ୍ୟୟନରୁ ଆପଣ ନିମ୍ନ ଲିଖିତ ବିଷୟମାନ ଜାଣିଲେ-

- ❖ ବୈଦିକ ସମାଜ ଚାରଣ ଓ ଯାଯାବର ଜୀବନଶୈଳୀରୁ ଏକ ବ୍ୟବସ୍ଥିତ କୃଷି ସମାଜକୁ ପରିବର୍ତ୍ତିତ ହେଉଥିଲା । କିନ୍ତୁ କୃଷିରେ ଲୌହ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ତଥାପି ବାକି ରହିଥିଲା ।
- ❖ ଏ ପ୍ରକ୍ରିୟାରେ ସୁସଂଙ୍ଗଠିତ ରାଜନୀତିକ ଏକକ ପ୍ରତିଷ୍ଠା ହେଲା, ବିଧିମାନ ସଙ୍କଳିତ ହେଲା ଏବଂ ଏକ ସୁସ୍ପଷ୍ଟ ସାମାଜିକ ବିଭାଜନର ଅଭ୍ୟୁଦୟ ଘଟିଲା ।
- ❖ ଏ କାଳରେ ବୈଦିକ ଓ ଲୌକିକ ଧର୍ମ ପରମ୍ପରା ନିଜ ନିଜର ପରିଚିତି ବଜାୟ ରଖିବା ସହ ଅଧିକରୁ ଅଧିକ ପରସ୍ପରର ନିକଟବର୍ତ୍ତୀ ହେଲା ।
- ❖ ଏ ପରିବର୍ତ୍ତନ ପ୍ରକ୍ରିୟାରେ ପ୍ରାଚୀନ ବୈଦିକ କାଳର ରୁଦ୍ର ଭଳି କିଛି ଗୌଣ ଦେବତା ଅଧିକ ମହତ୍ୱ ଲାଭ କଲେ ଏବଂ ଇନ୍ଦ୍ରଙ୍କ ଭଳି ପୂର୍ବବର୍ତ୍ତୀ ମହତ୍ୱପୂର୍ଣ୍ଣ ଦେବତା ଗୌଣ ଆସନକୁ ଚାଲିଗଲେ ।
- ❖ ଏ କାଳର ସାମଗ୍ରିକ ଚିତ୍ର ପ୍ରାପ୍ତି ଲାଗି ଉଭୟ ସାହିତ୍ୟିକ ଓ ପ୍ରତ୍ନତାତ୍ତ୍ୱିକ ଉତ୍ସର ଏକତ୍ର ଅଧ୍ୟୟନ ଅପରିହାର୍ଯ୍ୟ ।

## ୧୨.୯ ସୂଚକ ଶବ୍ଦାବଳୀ

**ଦୋହରା ଫସଲ:** ଖଣ୍ଡେ ଜମିରେ ଗୋଟିଏ ସମୟରେ ଦୁଇଟି ଫସଲ ଚାଷ ।

**ପ୍ରଜନନ ସଂସ୍କୃତି:** ମାନବ ଜନ୍ମ ଅଥବା ଜନ୍ମ ପ୍ରକ୍ରିୟାକୁ ଗୁରୁତ୍ୱ ଦେଉଥିବା ଏକ ରୀତି ବା ଧାର୍ମିକ ଚଳଣି ।

**ଲୋକ ପରମ୍ପରା:** ସାଧାରଣ ଲୋକଙ୍କ ପରମ୍ପରା ।

**ଭେଟି ଅର୍ଥବ୍ୟବସ୍ଥା:** ଅନୁଷ୍ଠାନମାନଙ୍କ ପୋଷଣ ପାଇଁ ଭେଟି ବା ଉପହାରର ମହତ୍ୱପୂର୍ଣ୍ଣ ଭୂମିକା ଥିବା ଏକ ଅର୍ଥବ୍ୟବସ୍ଥା ।

**ଶ୍ରମବହୁଳ:** ଏକ କର୍ମ ଯେଉଁଥିରେ ପ୍ରଯୁକ୍ତି ଅପେକ୍ଷା ଶ୍ରମ ବା ମାନବ ସାମର୍ଥ୍ୟର ଉପଯୋଗ ଅପେକ୍ଷାକୃତ ଅଧିକ ।

**ସୁସ୍ଥ:** ସ୍ଥିର ବା ଗୋଟିଏ ସ୍ଥାନରେ ରହିବା ।

**ବିଭାଜନ:** ବିଭିନ୍ନ ସ୍ତରରେ ଭାଗ କରିବା । ଯଥା- ସାମାଜିକ ବିଭାଜନର ଅର୍ଥ ଜାତି, ସମ୍ପଦ ଆଦି କୌଣସି ଆଧାରରେ ସମାଜକୁ ବିଭିନ୍ନ ପ୍ରକାରରେ ଭାଗ ଭାଗ କରିବା ।

**ଭେଟି:** ପରମ୍ପରା ବା ସଂକଳ୍ପ ଯୋଗୁଁ ଦିଆଯାଉ ଥିବା ସେବା ବା ସମ୍ପଦ ।

## ୧୨.୧୦ ପ୍ରଗତି ପରିମାପକ ଉତ୍ତର

**ପ୍ରଗତି ପରୀକ୍ଷଣ-୧**

**ପ୍ରଶ୍ନ ୧ର ଉତ୍ତର:** (ଖ)

**ପ୍ରଶ୍ନ ୨ର ଉତ୍ତର:** (ଘ)

**ପ୍ରଶ୍ନ ୩ର ଉତ୍ତର:** (ଖ)

**ପ୍ରଶ୍ନ ୪ର ଉତ୍ତର:** ଆପଣଙ୍କ ଉତ୍ତରରେ ଲୌହର ଉପଯୋଗ ଯୁଦ୍ଧ ଅଥବା ଦୈନନ୍ଦିନ ଜୀବନ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା ଏବଂ କାହିଁକି ଥିଲା ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଦେଖନ୍ତୁ ଉପବିଭାଗ ୧୨.୪ ।

**ପ୍ରଗତି ପରୀକ୍ଷଣ-୨**

**ପ୍ରଶ୍ନ ୧ର ଉତ୍ତର:** (ଖ)

**ପ୍ରଶ୍ନ ୨ର ଉତ୍ତର:** (ଖ)

**ପ୍ରଶ୍ନ ୩ର ଉତ୍ତର:** (କ)

**ପ୍ରଶ୍ନ ୪ର ଉତ୍ତର:** (ଖ)

**ପ୍ରଶ୍ନ ୫ର ଉତ୍ତର:** ଆପଣଙ୍କ ଉତ୍ତରରେ ପରିବାର ଓ ଗୃହକର୍ତ୍ତାଙ୍କ ମହତ୍ୱ ଏବଂ ପରିବାରରେ ମହିଳାଙ୍କ ସ୍ଥିତି ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଦେଖନ୍ତୁ ଉପବିଭାଗ ୧୨.୬.୨ ।

**ପ୍ରଗତି ପରୀକ୍ଷଣ-୩**

**ପ୍ରଶ୍ନ ୧ର ଉତ୍ତର:** (ଘ)

**ପ୍ରଶ୍ନ ୨ର ଉତ୍ତର:** (ଘ)

**ପ୍ରଶ୍ନ ୩ର ଉତ୍ତର:** ଆପଣଙ୍କ ଉତ୍ତରରେ ନୂତନ ଦେବତାମାନେ ଏକ ନୂତନ ଧରଣର ସମାଜର ସୂଚକ କି ନୁହନ୍ତି ଅନ୍ତର୍ଭୁକ୍ତ ହେବା ଆବଶ୍ୟକ । ଦେଖନ୍ତୁ ଉପବିଭାଗ ୧୨.୭.୨ ।

## କେତେକ ଉପାଦେୟ ପୁସ୍ତକ

**Bridget and Raymond Allchin** - *The Rise of Civilizations in India and* Pakistan, New Delhi, 1988.

**D.P. Agrawal and D.K. Chakravarti (ED)** - Essays *in Indian Protohistory,* New Delhi, 1979.

**H.D. Sankalia** – *Prehistory and protohistory of India and Pakistan,* Poona, 1962.

**D.D. Kosambi**, - The Culture and Civilization of Ancient India in Historical Outline, New Delhi, 1987.

**D.N. Jha** - Ancient India: An Introductory Outline, New Delhi, 1986.

**AL. Basham** - The Wonder that was India, New Delhi, 1986.

**Romila Thapar** – History *of* India, Vol. I New Delhi, 1983.



ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର

Odisha State Open University, Sambalpur

www.osou.ac.in
e-mail: info@osou.ac.in